ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

visit us at
www.paryabekhyak.com

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.22 . No.277, Bhubaneswar Wednesday, December 18, 2019 | ୨୨ତମ ବର୍ଷ ସଂଖ୍ୟା–୨୭୭ ଭୁବନେଶ୍ୱର, ବୁଧବାର, ଡିସେମ୍ବର ୧୮, ୨୦୧୯ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS

## ଶକ୍ତି ବିଭାଗର ୫-ଟି ସମ୍ପର୍କିତ ସମୀକ୍ଷା ବୈଠକ



ଭୁବନେଶ୍ୱର, ୧୭।୧୨(ପି.ଏନ): ଶିଳ୍ପ, ଶକ୍ତି, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ଗୃହମନ୍ତ୍ରୀ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର ଆଜି ପୂର୍ବାହ୍ନରେ ଖାରବେଳ ଭବନସ୍ଥିତ ଶକ୍ତି ବିଭାଗ ସମ୍ମିଳନୀ କକ୍ଷ ଠାରେ ଓଡ଼ିଶା ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ୫-ଟି ଯୋଜନା ସମ୍ପର୍କିତ ସମୀକ୍ଷା ବୈଠକ କରିଛନ୍ତି। ଶକ୍ତି ବିଭାଗରେ ୫-ଟି କିଭଳି କାର୍ଯ୍ୟ କରୁଛି ତାହା ପରଖିବା ଅବସରରେ ମନ୍ତ୍ରୀ କ୍ୟାପଟେନ ମିଶ୍ର ଜଣାଇଥିଲେ ଯେ ରାଜ୍ୟବାସୀ ଯେପରି ବିଦ୍ୟୁତ ସେବା ପାଇବାରେ ବଂଚିତ ହେବେ ନାହିଁ ସେହି ଦିଗରେ ବିଦ୍ୟୁତ ବିଭାଗ ସଦାସର୍ବଦା ଯତ୍ନବାନ ହେବା ଆବଶ୍ୟକ। ଉପଭୋକ୍ତାଗଣ କିଭଳି ଅତି ସହଜରେ, ସ୍ୱଳ୍ପ ସମୟରେ ନିଜ ଗୃହକୁ ବିଦ୍ୟୁତ ସଂଯୋଗ ପାଇବେ, ତା'ର ସରଳ ପ୍ରକ୍ରିୟାକରଣ ଏବଂ ବିଦ୍ୟୁତ ଦେୟ ସଂଗ୍ରହ ଦିଗରେ ମଧ୍ୟ ପ୍ରଦାନ କରାଯାଉଥିବା ସେବା ସମ୍ପର୍କିତ ତଥ୍ୟଗୁଡ଼ିକ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଓଡ଼ିଶା ବିଜୁ ସଂଯୋଗ ଅନଲାଇନ ରେଜିଷ୍ଟ୍ରେସନ କରି ଉପଭୋକ୍ତାମାନେ ୪୮ ଘଂଟାରେ ନୂତନ ବିଦ୍ୟୁତ ସଂଯୋଗ ପାଇପାରିବେ ଏବଂ ସେଗୁଡ଼ିକର ତଥ୍ୟ ୱେବ ଓ ନିଜର ଅତ୍ୟାଧୁନିକ ମୋବାଇଲରେ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ। ରାଜ୍ୟର ସବୁ ଅଂଚଳର ଉପଭୋକ୍ତାଗଣ ଅନଲାଇନ ଦ୍ୱାରା ନିଜର ମାସିକ ବିଦ୍ୟୁତ ଦେୟ ପ୍ରଦାନ କରିପାରିବେ। ସମ୍ପ୍ରତି ପ୍ରି ପେଡ୍ ୱାଲେଟ୍ ପ୍ରକ୍ରିୟାକରଣ କାର୍ଯ୍ୟ ଚାଲିଛି। ଏହାଦ୍ୱାରା ଉପଭୋକ୍ତାମାନଙ୍କ ଗୃହକୁ ଯାଇ ବିଦ୍ୟୁତ ଦେୟ ସଂଗ୍ରହ ହେବ। ଉକ୍ତ ସମୟରେ ଅନ୍‌ଲାଇନ ଅର୍ଥ ପଇଠ କଲେ ଅତିରିକ୍ତ ୨ ପ୍ରତିଶତ ଉପଭୋକ୍ତାଗଣ ପାଇପାରିବେ। ଉପଭୋକ୍ତାଗଣ ନିକଟସ୍ଥ ପୋଷ୍ଟ ଅଫିସ୍‌କୁ ଯାଇ ଅର୍ଥ ପୈଠ କରିପାରିବେ ଏବଂ ନିଜର କାର୍ଡ଼ ଜରିଆରେ ମଧ୍ୟ ବିଦ୍ୟୁତ୍ ଦେୟ ପଇଠ କରିପାରିବେ।ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଗୋଟିଏ ପ୍ରକାର ପାରିଶ୍ରମିକ ପ୍ରଦାନା କରାଯାଇ ବିଦ୍ୟୁତ ଦେୟ ସଂଗ୍ରହ କରାଯିବାର କାର୍ଯ୍ୟକାରୀତା ନେଇ ବୈଠକରେ ଆଲୋଚନା ହୋଇଥିଲା। ଫୋନ୍ ଦ୍ୱାରା ୨୪ ଘଂଟିଆ ଗ୍ରାହକମାନଙ୍କ ଅଭିଯୋଗ ଗ୍ରହଣ କରିବା ଏବଂ ସେଗୁଡ଼ିକର ସମାଧାନ ଦିଗରେ କିଭଳି ପଦକ୍ଷେପ ଗ୍ରହଣ କରାଯାଉଛି ସେ ସମ୍ପର୍କରେ ତଥ୍ୟ ମନ୍ତ୍ରୀ କ୍ୟାପଟେନ୍ ମିଶ୍ର ଜାଣିବାକୁ ପାଇଥିଲେ। ପ୍ରାକୃତିକ ବିପର୍ଯ୍ୟୟ ବେଳେ ବିଦ୍ୟୁତ୍‌ସେବା ଯୋଗାଇଦେବା ନିମିତ ଅତ୍ୟାଧିକ ଅର୍ଦ୍ଧକୁଶଳୀ ବିଦ୍ୟୁତ କାର୍ଯ୍ୟଦଳ ଆବଶ୍ୟକ ରହୁଛି। ଏହାକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ କାର୍ଯ୍ୟଦଳଙ୍କୁ ପ୍ରଶିକ୍ଷଣ ସକାଶେ କରାଯାଉଥିବା ବିଧିବଦ୍ଧ ବ୍ୟବସ୍ଥା ସମ୍ପର୍କରେ ମନ୍ତ୍ରୀ କ୍ୟାପଟେନ ମିଶ୍ର ପଚାରି ବୁଝିଥିଲେ। ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ବାକିଆ ପଡ଼ିଥିବା ଉପଭୋକ୍ତାମାନଙ୍କୁ ବକେୟା ଜମା କରିବା ନିମିତ ପତ୍ର ଦିଆଯାଉ, ତା'ପରେ ମଧ୍ୟ ଯଦି ସେମାନେ ବକେୟା ପୈଠ କରନ୍ତି ନାହିଁ ତେବେ ସେମାନଙ୍କ ପ୍ରତି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମନ୍ତ୍ରୀ କ୍ୟାପଟେନ ମିଶ୍ର ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭାଗୀୟ କମିଶନର ତଥା ସଚିବ ଶ୍ରୀ ବିଷ୍ଣୁପଦ ସେଠୀ ସେସୁର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅରୁଣ ବୋଥ୍ରା ବିଦ୍ୟୁତ ବିଭାଗୀୟ ସମସ୍ତ ଉଚ୍ଚ ପଦାଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ରହ୍ମଗିରି ବ୍ଲକରେ ବିଜେଡି-ବିଜେପି ହଟ୍ଟଗୋଳ

ପୁରୀ, ୧୭।୧୨(ପି.ଏନ): ଫନି ବାତ୍ୟା ପରେ ଆଜି ଅନୁଷ୍ଠିତ ବ୍ରହ୍ମଗିରି ପଂଚାୟତ ସମିତି ବୈଠକରେ ପ୍ରବଳ ହଟ୍ଟଗୋଳ ହେବା ଯୋଗୁଁ ବୈଠକ ଅଧାରୁ ବନ୍ଦ ହୋଇଯାଇଥିବା ଜଣାପଡିଛି । ଫନି ବାତ୍ୟାରେ ଅନେକ କ୍ଷତିଗ୍ରସ୍ତ ପରିବାର ସାହାଯ୍ୟ ପାଇନଥିବା ବେଳେ ଦଳୀୟ ଭିତିରେ ବିଜେଡି ତାଲିକା ପ୍ରସ୍ତୁତ କରିଛି ବୋଲି ବିଜେପିର ସମିତି ସଭ୍ୟମାନେ ଅଭିଯୋଗ କରିଥିଲେ । ଜଣେ ଯୁବ ଜିଲ୍ଲା ପରିଷଦ ସଭ୍ୟ ବୈଠକ ଅଧାରୁ ବିଭିନ୍ନ ପ୍ରସଙ୍ଗ ଉଠାଇ ବୈଠକର ବାତାବରଣକୁ ଉତେଜନାପୂର୍ଣ୍ଣ କରିଥିଲେ । ଯାହାଫଳରେ ଜଣେ ସମିତି ସଭ୍ୟା ବୈଠକରେ ଲେଖାହେଉଥିବା ରିଜ୍ୟୁଲେସନ ଖାତାକୁ ଚିରି ଦେଇଥିଲେ । ଯାହାକୁ ନେଇ ସେଠାରେ ପ୍ରବଳ ଉତେଜନା ପ୍ରକାଶ ପାଇବା ସହ କିଛି ସମୟ ପ୍ରବଳ ପାଟିତୁଣ୍ଡ ଓ ଠେଲାପେଲା ହୋଇଥିଲା । ବୈଠକରେ ବିଜେପିର ଅଧିକ ଟାଣୁଆ ସଭ୍ୟସଭ୍ୟା ଥିବାରୁ ବିଜେଡିର ସଭ୍ୟମାନେ ବାଧ୍ୟ ହୋଇ ପ୍ଲାକାର୍ଡ ଧରି ଧାରଣାରେ ବସିଥିଲେ । ରାଜ୍ୟ ସରକାର ବିଜେଡି ଦଳର ଥିବାବେଳେ ସେହି ଦଳର ସମିତି ସଭ୍ୟ ଓ ସଭ୍ୟାମାନେ କିପରି ଆପତି ଉଠାଉଛନ୍ତି ତାକୁ ନେଇ ବ୍ରହ୍ମଗିରିରେ ଚର୍ଚ୍ଚା ଜୋର୍ ଧରିଛି । ଏହି ବୈଠକରେ ବ୍ରହ୍ମଗିରିର ନବନିର୍ବାଚିତ ବଜେପି ଦଳର ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଉପସ୍ଥିତ ଥିଲେ । ବିଜେଡି ଦଳ ପକ୍ଷରୁ ପୂର୍ବତନ ମନ୍ତ୍ରୀଙ୍କ ପାଖଲୋକ ବୋଲାଉଥିବା ଯୁବନେତା ବ୍ରହ୍ମଗିରିରେ ସବୁ ବିଭ୍ରାଟ କରୁଛନ୍ତି ବୋଲି ବିଜେପି ସଭ୍ୟମାନେ ଅଭିଯୋଗ କରିଥିଲେ । ଘଟଣାସ୍ଥଳରେ ବ୍ରହ୍ମଗିରି ପୁଲିସ ପହଂଚି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା ।



ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ୟୁଏନଡ଼ିପିର ଆବାସିକ ପ୍ରତିନିଧି ଶୋକାନୋଡ଼ାଙ୍କ ସାକ୍ଷାତ୍ ଆଲୋଚନା

## ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି ନାଁରେ ଭଙ୍ଗାରୁଜାକୁ ବୁଦ୍ଧିଜିବୀଙ୍କ ନାପସନ୍ଦ

ପୁରୀ, ୧୭।୧୨(ପି.ଏନ): ଶ୍ରୀକ୍ଷେତ୍ରର ସୌନ୍ଦର୍ଯ୍ୟ ବୃଦ୍ଧି ନାଁରେ ଏବେ କେବଳ ଭଙ୍ଗାରୁଜା ଚାଲିଛି । କଳେବଳେ କୌଶଳେ ବିଭିନ୍ନ କୋଠା ଭାଙ୍ଗିବା ପାଇଁ ନୂଆ ନୂଆ ଚାଲ ପ୍ରୟୋଗ କରାଯାଉଛି । ଶ୍ରୀକ୍ଷେତ୍ରକୁ ଶନିଦୃଷ୍ଟି ପଡିଥିବାରୁ ଏବେ ସବୁ ଭଙ୍ଗାଭଙ୍ଗି ହେଉଛି । ଆଗ ବିନାଶ ଓ ପରେ ବିକାଶର ଦ୍ୱାହି ଦେଇ ସୌନ୍ଦର୍ଯ୍ୟକରଣ କରାଯିବା ପାଇଁ ପ୍ରୟାସ ଜାରି ରହିଛି । ପ୍ରଥମେ ଶ୍ରୀମନ୍ଦିର ମେଘନାଦ ପାଚେରୀକୁ ଲାଗି ରହିଥିବା ସରକାରୀ ଓ ବେସରକାରୀ ନିର୍ମାଣକୁ ଭାଙ୍ଗି ଦିଆଗଲା । ପରେ ପରେ ଲଙ୍ଗୁଳିମଠ, ଏମାର ମଠ, ବଡଆଖେଡା ମଠ, ମଙ୍ଗୁମଠ ଓ ସାନଛତା ମଠ ଭଙ୍ଗାଯାଇଛି । ମଠରେ ରହିଥିବା ଧାର୍ମିକ ବ୍ୟବସ୍ଥା ଭାଙ୍ଗିଯିବାରୁ ମଠ ତାର ପୂର୍ବ ବ୍ୟବସ୍ଥାରେ ରହିନାହିଁ । ମଠର ମହନ୍ତ, ବାବାଜୀ, ବିଦ୍ୟାର୍ଥୀ ଓ ମଠ ଉପରେ ନିର୍ଭର କରି ଚଳୁଥିବା କର୍ମଚାରୀମାନେ ଏବେ ବିଭିନ୍ନ ଆଡେ ଚାଲିଗଲେଣି । ସ୍ଥାୟୀଘର ଓ କେତେକ ମଠ ମହନ୍ତଙ୍କୁ କ୍ଷତିପୂରଣ ମିଳିଥିବା ବେଳେ ମଠ ଉପରେ ନିର୍ଭର କରି ଚଳୁଥିବା ବ୍ୟକ୍ତି ବିଶେଷ ମାନେ ଏବେ ହାତବାନ୍ଧି ବସିଛନ୍ତି । ଏପରି ସ୍ଥଳେ ସହରବାସୀ ଘଟଣାକୁ ନାପସନ୍ଦ କରିବା ସହ ଯେତେ କାମ ସେତେ ପିସି ନ୍ୟାୟରେ ଭିତିରି ଭିତିରି ଅନେକ କାରବାର ଚାଲୁଥିବା ନେଇ ଅଭିଯୋଗ କରିଛନ୍ତି । ଯେକୌଣସି ମତେ ମନ୍ଦିର ଚାରିପଟ ଭାଙ୍ଗିରୁଜି ସଫା କରିବା ନାଁରେ ଅନେକ ମାଲାମାଲ୍ ହେବା ସହରରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ମେଘନାଦ ପାଚେରୀଠାରୁ ୭୫ ମିଟର ଦୂର ଅଂଚଳରେ ସୁରକ୍ଷା ଜୋନ୍ ଆଳରେ ଭଙ୍ଗାରୁଜା କରାଯାଉଥିବା ବେଳେ ମନ୍ଦିର ଭିତରେ ସୁରକ୍ଷା ନଥିବା କୁହାଯାଉଛି । ଅନାୟସରେ ଆଣ୍ଡ୍ରୋଏଡ ଫୋନ୍ ମନ୍ଦିର ଭିତରକୁ ଯିବା ସହ ଫଟୋ ଉତୋଳନ କରାଯାଉଥିବା ବିଭିନ୍ନ ସମୟରେ ଦେଖାଯାଉଛି । ଭକ୍ତମାନଙ୍କୁ ମନ୍ଦିର ଭିତରେ ଦୁର୍ବ୍ୟବହାର କରାଯିବା ସହ ଅଧିକ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ହେଉଛି । ମନ୍ଦିର ଭିତରେ ପ୍ରଶାସନ ପକ୍ଷରୁ ଭକ୍ତମାନଙ୍କ ପାଇଁ ସବୁ ସୁବିଧା ଯୋଗାଇ ଦିଆଯାଇପାରୁନାହିଁ । ଶ୍ରୀକ୍ଷେତ୍ରର ବିକାଶ ନାଁରେ ବିନାଶ ହେଉଥିବାରୁ ଆଗାମୀ ଭବିଷ୍ୟତରେ କ'ଣ ହେବ ତାକୁ ନେଇ ବୁଦ୍ଧିଜୀବି ମାନେ ସନ୍ଦିହାନ ଅବସ୍ଥାରେ ରହିଛନ୍ତି ।

## ୫ ନକଲି ଶିକ୍ଷକ ଧରାପଡିଲେ ଥାନାରେ ଏତଲା ଦେବାକୁ ବିଇଓଙ୍କୁ ଡ଼ିଇଓଙ୍କ ନିର୍ଦ୍ଦେଶ

ଗଞ୍ଜାମ, ୧୭।୧୨(ପି.ଏନ): ଗଞ୍ଜାମ ଜିଲ୍ଲାରୁ ଆଜି ପୁଣି ଥରେ ଧରାପଡିଛନ୍ତି ୫ ଜଣ ନକଲି ଶିକ୍ଷକ । ଏହି ନକଲି ଶିକ୍ଷକ ମାନଙ୍କ ମଧ୍ୟରୁ ବେଗୁନିଆ ପଡ଼ାରୁ ୨ ଜଣ, ଶେରେଗଡ଼ରୁ ୨ ଜଣ ଓ କବିସୂର୍ଯ୍ୟନଗର ଅଂଚଳରୁ ଜଣେ ରହିଥିବା ଜଣାପଡିଛି । ସମ୍ପୃକ୍ତ ନକଲି ଶିକ୍ଷକ ମାନେ ହେଲେ ବେଗୁନିଆପଡ଼ା ବ୍ଲକ୍ ଅଂଚଳର ସୁଜାତା ପଣ୍ଡା ଓ ପରମାନନ୍ଦ ସାହୁ, ଶେରେଗଡ଼ ବ୍ଲକ୍ ଅଂଚଳର ସଞ୍ଜୟ କୁମାର ଖଟୁଆ ଓ ଭଗବାନ ମହାନ୍ତି ଏବଂ କବିସୂର୍ଯ୍ୟନଗର ବ୍ଲକ୍ ର ଭିକାରୀଚରଣ ସାହୁ । ଏମାନେ ସିଟି ସାର୍ଟିଫିକେଟକୁ ଜାଲିଆତି କରିବା ସହ ଏହି ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରୀ କରୁଥିବା ସ୍ପଷ୍ଟ ହୋଇଛି ।

## କ୍ଲିନିକ୍ ରେ ଡ଼ାକ୍ତରଙ୍କୁ ଗୁଳିମାଡ଼ ଘଟଣା ; ଗୁଳିକାଣ୍ଡ ପଛରେ ସୁପାରୀ କିଲରର ହାତ, ପୋଲିସକୁ ଠୋସ୍ ପ୍ରମାଣ ମିଳିଛି : ଏସପି

ଖୋର୍ଦ୍ଧା, ୧୭।୧୨(ପି.ଏନ): ଜମିଜମା ବିବାଦକୁ କେନ୍ଦ୍ର କରି ଖୋର୍ଦ୍ଧାର ଏକ କ୍ଲିନିକ୍ ରେ ଶିଶୁରୋଗ ବିଶେଷଜ୍ଞ ଡ଼ାକ୍ତର ମାନସ ଦାସଙ୍କୁ ଗୁଳିମାଡ଼ ଘଟଣାରେ ଅଦ୍ୟାବଧି ଅଭିଯୁକ୍ତଙ୍କ ଟେର୍ ପାଇନି ପୋଲିସ । ହେଲେ ଏହି ଗୁଳିକାଣ୍ଡ ପଛରେ ସୁପାରୀ କିଲର୍ ନିୟୋଜିତ ଥିବା ନେଇ ପୋଲିସକୁ ଠୋସ୍ ପ୍ରମାଣ ମିଳିଛି । ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଖୋର୍ଦ୍ଧା ଏସପି ଅଜୟ ପ୍ରତାପ ସ୍ୱାଇଁ । ଏନେଇ ଅଧିକ ସୂଚନା ଦେଇ ସେ କହିଛନ୍ତି ଯେ, ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ତୁରନ୍ତ ଗିରଫ କରିବା ପାଇଁ ପୋଲିସ ପ୍ରଚେଷ୍ଟା ଚଳାଇଛି । ସିସିଟିଭି ଫୁଟେଜ୍ କୁ ତନ୍ନ ତନ୍ନ କରି ଯାଂଚ୍ କରୁଛି । ମାମଲାର ତଦନ୍ତ ପାଇଁ ୪ଟି ଟିମ୍ ଗଠନ କରାଯାଇଛି । ଏହି ଟିମ୍ ଅପରାଧିଙ୍କ ନିକଟରେ ପହଂଚିବାକୁ ଉଦ୍ୟମ ଜାରୀ ରଖିଛି। ଗୋଟିଏ ଟିମ୍ ଭୁବନେଶ୍ୱରରେ ଡ଼ାକ୍ତରଙ୍କ ପରିବାର ଲୋକଙ୍କ ସହିତ ଆଲୋଚନା କରୁଥିବା ବେଳେ ଅନ୍ୟ ଗୋଟିଏ ଟିମ୍ ନୟାଗଡ଼ ଓ ରଣପୁର ଜେଲ୍ କୁ ଯାଇ ପେଷାଦାର ଅପରାଧିଙ୍କ ରେକର୍ଡ଼ ଯାଂଚ୍ କରୁଛି । ସେହିପରି ଆଉ ଏକ ଟିମ୍ ବ୍ରହ୍ମପୁରରେ ସୁପାରୀକିଲର୍ ଙ୍କ ସମ୍ପର୍କରେ ତଥ୍ୟ ନେଉଥିବା ବେଳେ ଖୋର୍ଦ୍ଧାରେ ଏସପିଙ୍କ ନେତୃତ୍ୱରେ ଏକ ଟିମ୍ ଛାନଭିନ୍ ଜାରୀ ରଖିଛି । ଅନ୍ୟପକ୍ଷରେ ଘଟଣାର ପ୍ରତିବାଦରେ ସୋମବାର ଦିନ ଜିଲ୍ଲାରେ ସମସ୍ତ ଔଷଧ ଦୋକାନ ବନ୍ଦ ରହିଥିଲା । ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୋଲିସ ୨୪ ଘଂଟା ମଧ୍ୟରେ ଗିରଫ କରୁ ବୋଲି ଦାବି କରିଛି ଔଷଧ ବ୍ୟବସାୟୀ ସଂଘ । ନଚେତ୍ ୧୮ ତାରିଖ ଅର୍ଥାତ୍ ଆସନ୍ତାକାଲି ଠାରୁ ଜିଲ୍ଲାରେ ସମସ୍ତ ଔଷଧ ଦୋକାନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବନ୍ଦ ରହିବ ବୋଲି ସଂଘ ଚେତାବନୀ ଦେଇଛି ।ପ୍ରକାଶ ଥାଉ କି, ରବିବାର ସଂନ୍ଧ୍ୟାରେ ଏହି ଗୁଳିକାଣ୍ଡରେ ଗୁରୁତର ଆହତ ଔଷଧ ଦୋକାନୀ କୃଷ୍ଣଚନ୍ଦ୍ର ସାହୁଙ୍କ ଇତିମଧ୍ୟରେ ମୃତ୍ୟୁ ଘଟିଛି । ଗୁରୁତର ଆହତ ଡ଼ାକ୍ତର ମାନସ ଦାସ ସମ୍ପ୍ରତି ଭୁବନେଶ୍ୱରର ଏକ ଘରୋଇ ହସପିଟାଲରେ ଚିକିତ୍ସାଧିନ ଅଛନ୍ତି । ଖୋର୍ଦ୍ଧା ଆଦର୍ଶ ଥାନାରେ ଏ ସଂକ୍ରାନ୍ତରେ ମାମଲା ରୁଜୁ ହୋଇଛି ।

## ଉର୍ଜାର ଆମଦାନୀ ଏବଂ ମୂଲ୍ୟ ସ୍ଥିର ରଖିବାର ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭାରତ ପ୍ରସ୍ତୁତ : ଧର୍ମେନ୍ଦ୍ର ପ୍ରଧାନ



ମୁମ୍ବାଇ/ଭୁବନେଶ୍ୱର, ୧୭।୧୨(ପି.ଏନ) ଉର୍ଜାର ଆମଦାନୀ ଏବଂ ମୂଲ୍ୟ ସ୍ଥିର ରଖିବା ଭାରତୀୟ ବଜାରରେ ସଂପ୍ରତି ଚ୍ୟାଲେଞ୍ଜ ସଦୃଶ ହୋଇଥିବା ବେଳେ ଏହି ଦୁଇଟି ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭାରତ ପ୍ରସ୍ତୁତ ବୋଲି ମଙ୍ଗଳବାର ମୁମ୍ବାଇ ଠାରେ ଟାଇମ୍ସ ନାଓ'ର ଭାରତ ଅର୍ଥନୀତି କନକ୍ଲେଭରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ କହିଛନ୍ତି ଯେ ବର୍ତମାନ ଭାରତ ଉର୍ଜା ଉପରେ ନିର୍ଭରଶୀଳ । ଦୈନନ୍ଦିନ ଜୀବନରେ ଉର୍ଜା ନିତ୍ୟ ବ୍ୟବହାର୍ଯ୍ୟ ହୋଇପଡିଛି । ବିଶ୍ୱରେ ଭାରତ ତୃତୀୟ ସର୍ବବୃହତ ଉର୍ଜା ବ୍ୟବହାରକାରୀ ଦେଶ ହୋଇଛି । ଭାରତର ଅର୍ଥନୀତି ଉପରେ ଆମଦାନୀର ଚାପ ପଡୁଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଦେଶରେ ଲୋକମାନଙ୍କର ଆବଶ୍ୟକ ଜିନିଷର ଚାହିଦାରେ ବୃଦ୍ଧି ପରିଲିକ୍ଷିତ ହେଉଛି । ଏହି ପରିପ୍ରେକ୍ଷୀରେ ଉର୍ଜା କ୍ଷେତ୍ରରେ ଭାରତ ୭୦ରୁ ୮୦ ପ୍ରତିଶତ ବିଦେଶରୁ ଆମଦାନୀ କରୁଛି । ତେବେ ଆଗାମୀ ଦିନରେ ଭାରତ ଆଧୁନିକ ବିଜ୍ଞାନ ଏବଂ ନୂଆ ଜ୍ଞାନକୌଶଳ ମାଧ୍ୟମରେ ଏହି ଆମଦାନୀକୁ ହ୍ରାସ କରିବାର ଲକ୍ଷ୍ୟ ରଖିଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ ବିଗତ ୫ ବର୍ଷରେ ରାଜସ୍ୱ ଅପେକ୍ଷା ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦିଆଯାଉଛି । ଅଧିକ ଉତ୍ପାଦନ ହେଲେ ରାଜସ୍ୱ ମଧ୍ୟ ବୃଦ୍ଧି ପାଇବ । ଦେଶରେ ଗ୍ୟାସର ଉତ୍ପାଦନ ବୃଦ୍ଧି ପାଇଥିବା ବେଳେ ପ୍ରାକୃତିକ ପ୍ରଭାବ କାରଣରୁ ତୈଳ ଉତ୍ପାଦନରେ ସ୍ଥିରତା ରହିଛି । ଅନ୍ୟପକ୍ଷରେ ଭାରତ ବିକଳ୍ପ ଇନ୍ଧନ ଯଥା ଅଧିକରୁ ଅଧିକ ସିଏନଜି ଗ୍ୟାସ ଉତ୍ପାଦନ, ଜୈବଇନ୍ଧନ, ଜୈବସିଏନଜି, ଇଥାନଲ, ୨ଜି ଇଥାନଲ ଉପରେ କାର୍ଯ୍ୟ କରୁଛି । "ଦେଶର ଉଦ୍ୟୋଗକାରୀଙ୍କ ପାଖରେ ଟେକ୍ନୋଲୋଜି, ନୂଆ ବ୍ୟବସାୟିକ ମଡେଲର ଉପଲବ୍ଧ ରହିଛି । ଯଦ୍ୱାରା ଟେକ୍ନୋଲୋଜି ମାଧ୍ୟମରେ ହାଇଡ୍ରୋଜେନ୍ ଇନ୍ଧନର ପୂର୍ତି ହୋଇପାରିଛି । ଦେଶ ଆଗକୁ ବଢିବା ନେଇ ପ୍ରସ୍ତୁତ ଥିବା ବେଳେ ଉର୍ଜା କ୍ଷେତ୍ରରେ ପରିବର୍ତନ ରାସ୍ତା ନିଜ ଉପାୟରେ ଭାରତ ବାହାର କରିବା ପାଇଁ ପ୍ରସ୍ତୁତ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଉର୍ଜାର ନିରନ୍ତର ଆବଶ୍ୟକତା ପୂରଣ ପାଇଁ ମୋଦି ସରକାର ଭାରତକୁ ଗ୍ୟାସ୍ ଆଧାରିତ ଅର୍ଥନୀତି କରିବାପାଇଁ ଯୋଜନାବଦ୍ଧ ଉଦ୍ୟମ ଜାରୀ ରଖିଛନ୍ତି । ତୈଳ ବିପଣନ କମ୍ପାନୀମାନେ ଗତ ୫ ବର୍ଷରେ ତୈଳ ଅପେକ୍ଷା ଏଲଏନଜି ଗ୍ୟାସର ଉତ୍ପାଦନକୁ ଅଧିକ ଗୁରୁତ୍ୱ ଦେଇଛନ୍ତି । ଉର୍ଜାର ନିରନ୍ତର ଯୋଗାଣ ସୁନିଶ୍ଚିତ କରିବାପାଇଁ ଜୈବ ଉର୍ଜା ଉପରେ ଭାରତ ସରକାର ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି ବୋଲି ସେ କହିଛନ୍ତି ।ବିଶ୍ୱ ସହ ପ୍ରଧାନମନ୍ତ୍ରୀ ମୋଦିଙ୍କ ସୁସମ୍ପର୍କ କାରଣରୁ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ଏହି କ୍ଷେତ୍ରରେ ସୁଧାର ଆସିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଋଷ ଏବଂ ଋଷର ରୋଜନେଫ୍ଟରେ ଭାରତ ପୁଞ୍ଜିନିବେଶ କରୁଥିବା ବେଳେ ଭ୍ଲାଡିଭୋଷକରୁ ପୂର୍ବ ଭାରତ ସହ ସଂଯୋଗକୁ ଆମେ ଗୁରୁତ୍ୱ ଦେଉଅଛୁ । ଉର୍ଜା ସୁରକ୍ଷା ଉପରେ ମଧ୍ୟ ଭାରତ ଅଧିକ ଗୁରୁତ୍ୱ ଦେଉଥିବା ଶ୍ରୀ ପ୍ରଧାନ କହିଛନ୍ତି । ଅପରପକ୍ଷରେ ଭାରତରେ ଉତମ ବ୍ୟବସାୟ ବାତାବରଣ ଥିବା କାରଣରୁ ବିଶ୍ୱର ଆଗୁଆ ତୈଳ ଓ ଗ୍ୟାସ୍ କ୍ଷେତ୍ରର କମ୍ପାନୀମାନେ ଏଠାରେ ପୁଂଜି ନିବେଶ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି ବୋଲି ସେ କହିଛନ୍ତି ।

## ଅସାଧୁ ବ୍ୟବସାୟୀଙ୍କ ହାତରେ ବନ୍ଧା ପଡିଛି ଭେଷଜ ନିୟନ୍ତ୍ରକଙ୍କ ବିଭାଗ

ରାଉରକେଲା, ୧୭।୧୨(ପି.ଏନ): ରାଉରକେଲା ସମେତ ସୁନ୍ଦରଗଡ ଜିଲ୍ଲାରେ (ଡ୍ରଗ୍ କଂଟ୍ରୋଲର୍ ଓଡ଼ିଶା) ଭେଷଜ ନିୟନ୍ତ୍ରକଙ୍କ ବିଭାଗ ତଥା ବିଭାଗୀୟ ଅଧିକାରୀ ଏକ ପ୍ରକାର ନିରବତା ଅବଲମ୍ବନ କରିବା ସହ ଏହି ବିଭାଗ ସମ୍ପ୍ରତି ଅସାଧୁ ବ୍ୟବସାୟୀଙ୍କ ପାଖରେ ବନ୍ଧା ପଡିଥିବା ଅଭିଯୋଗ ହେଉଛି । ଏହାଦ୍ୱାରା ଜିଲ୍ଲାରେ ନିମ୍ନ ମାନର ଔଷଧ ସାଙ୍ଗକୁ ମିସବ୍ରାଣ୍ଡେଡ ଔଷଧ କାରବାର ବ୍ୟାପକ ପରିମାଣରେ ବଢି ଚାଲିଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି । ଖାଲି ସେତିକି ନୁହେଁ ଏଭଳି କାରବାର କରିବା ଲାଗି କେତେକ ବ୍ୟବସାୟୀ ଓ ବ୍ୟକ୍ତି ବିଶେଷ ବିଭାଗୀୟ ଅଧିକାରୀ ମାନଙ୍କୁ ହାତ କରି ନିଜ ମନମାନି ଚଳାଇଥିବା ଖବର ମିଳିଛି । ଏନେଇ ରାଜ୍ୟ ଭେଷଜ ବିଭାଗ ମଧ୍ୟ ପୁରା ଚୁପ୍ ହୋଇ ବସିଥିବା ଦେଖାଯାଇଛି । ଅନୁସନ୍ଧାନରୁ ଜଣାପଡିଛି ଯେ, ରାଉରକେଲା ସମେତ ରାଜଗାଙ୍ଗପୁର, ବଣେଇ, ସୁନ୍ଦରଗଡ଼ ଓ ଗ୍ରାମାଂଚଳରେ ଏହି କାରବାର ଚାଲିଛି । କଲିକତା ସହରରେ ଥିବା କିଛି ଅସାଧୁ ବ୍ୟବସାୟୀ ବିଭିନ୍ନ ନାମୀଦାମୀ କଂପାନୀର ଆଂଟିବାୟୋଟିକ, ଜ୍ୱର, ଥଣ୍ଡା ଔଷଧ ସାଙ୍ଗକୁ ଅଧିକ ବିକ୍ରୀ ହେଉଥିବା କଫସିରପ ନାମରେ ଏଭଳି ବେନାମୀ ଔଷଧ ପ୍ରସ୍ତୁତ କରି ଏହି ସବୁ ଅଂଚଳକୁ ଛାଡୁଛନ୍ତି । ଏହି ଔଷଧର ମୂଲ୍ୟ କମ୍ ଥିବାରୁ ତାକୁ ଅଧିକ ଫାଇଦା ପାଇବା ଆଶାରେ ଡାକ୍ତରଖାନା ପାଖ ଦୋକାନୀ ଓ ଗ୍ରାମାଂଚଳରେ ଥିବା ଦୋକାନୀ ମାନେ ଅଧିକରୁ ଅଧିକ ରଖି ଲୋକଙ୍କୁ ବିକ୍ରି କରୁଥିବାର ଖବର ମିଳିଛି । ଖାଲି ସେତିକି ନୁହେଁ ଏଭଳି ଔଷଧ କାରବାର ବେଶ ସୁରୁଖୁରୁରେ ଚାଲିଥିବାରୁ ରାଉରକେଲା ସହରରେ ମଧ୍ୟ ଏହାର ତିଆର ଆରମ୍ଭ ହୋଇ ସାରିଥିବା କେତେକ ବ୍ୟବସାୟୀ ନିଜ ନାମ ଗୋପନ ରଖିବାକୁ ଅନୁରୋଧ କରି ପ୍ରକାଶ କରିଛନ୍ତି । ଏହି ଔଷଧ ଗୁଡିକ ଏଭଳି ପ୍ୟାକ୍ ହେଉଛି ଯେ, ତା'ର ନକଲି ବ୍ୟାଚ୍ ନମ୍ବର ଓ ପ୍ରସ୍ତୁତ ହେଉଥିବା ତାରିଖ ମଧ୍ୟ ଲେଖି ଦିଆଯାଉଛି । ଖାଲି ଉପରୋକ୍ତ ଔଷଧ ନୁହେଁ ଅଧିକରୁ ଅଧିକ ବିକ୍ରି ହେଉଥିବା ନାମୀ ଦାମୀ କଂପାନୀର ପ୍ରଡକ୍ଟକୁ ଏହିଭଳି ନକଲି ଭାବେ ପ୍ରସ୍ତୁତ କରାଯାଇ ବିକ୍ରୀ କରାଯାଉଥିବା ଖବର ମିଳିଛି । ଜିଲ୍ଲାରେ ଥିବା ଭେଷଜ ନିରୀକ୍ଷକ ମାନେ ନିୟମିତ ଦୋକାନ ଗୁଡିକୁ ଯାଂଚ୍ ନକରିବା, ହୋଲସେଲ ମାନଙ୍କ ଉପରେ ନଜର ନରଖିବା ଏସବୁ ଏହି କାରବାରକୁ ବେଶ୍ ସୁବିଧା ଜନକ ହୋଇଥିବା କୁହାଯାଉଛି । ଏହାଦ୍ୱାରା ନକଲି ନିମ୍ନ ମାନର ଔଷଧ ଖାଇ ଲୋକ ମାନଙ୍କର ରୋଗ ଭଲ ହେବା ପରିବର୍ତେ ବିଳମ୍ବ ହେବା ସହ କେତେକଙ୍କର ଦେହ ଅଧିକ ଖରାପ ହେଉଥିବାରୁ ଡାକ୍ତର ମାନଙ୍କ ଉପରେ ସନ୍ଦେହ ସୃଷ୍ଟି ହେବାରେ ଲାଗିଛି । ବର୍ତମାନ ଜିଲ୍ଲାରେ ପାଖା ପାଖି ୮୦୦ ରୁ ଅଧିକ ଔଷଧ ଦୋକାନ ସାଙ୍ଗକୁ ହୋଲସେଲର ମଧ୍ୟ ରହିଛନ୍ତି । ଏହା ବ୍ୟତୀତ ସରକାରୀ ଓ ଘରୋଇ ଡାକ୍ତରଖାନା ଅଲଗା ରହିଛି । ଏସବୁ ଡାକ୍ତରଖାନା ଆଖପାଖରେ ଥିବା ଔଷଧ ଦୋକାନ ମାନଙ୍କରେ ମଧ୍ୟ ସେସବୁ ଔଷଧ ବିକ୍ରୀ କରାଯାଉଛି । କିନ୍ତୁ, ଏନେଇ ସମସ୍ତେ ଲାଇସେନ୍ସ ମଧ୍ୟ ନେଇନଥିବା ଖବର ମିଳିଛି । ଜିଲ୍ଲାରେ ନିମ୍ନ ମାନର, ନକଲ, ମିସବ୍ରାଣ୍ଡେଡ ଓ ବିନା ଲାଇସେନ୍ସରେ ଦୋକାନ ଚଳିବା ନେଇ ଡ୍ରଗ୍ସ ଇନ୍ସପେକ୍ଟର ମାନେ ମାମଲା ରୁଜୁ କରୁନଥିବାରୁ ଏଭଳି ବ୍ୟବସାୟ ବଢିବାରେ ଲାଗିଛି । ମଣିଷ ସମାଜ ନିଜ ସ୍ୱାସ୍ଥ୍ୟ କୁ ନେଇ ଯତ୍ନବାନ ହେଉଥିବା ବେଳେ ରୋଗରୁ ମୁକ୍ତି ପାଇବା ଲାଗି ଯେଉଁ ଔଷଧ ଉପରେ ଭରଷା କରିବା କଥା ତାହାର ବ୍ୟବସ୍ଥା ଯଦି ଏଭଳି ହୁଏ ତେବେ କାହା ଉପରେ ଲୋକେ ଭରଷା କରିବେ ଡ଼ାକ୍ତର ନା ଔଷଧ ଉପରେ ବୋଲି ବୁଦ୍ଧିଜିବୀ ମହଲରୁ ପ୍ରଶ୍ନ ହେଉଛି । ଏଭଳି କାରବାର ପଛରେ ବ୍ୟାପକ ଅର୍ଥ କାରବାର ହିଁ ମୂଳ ବୋଲି କୁହାଯାଉଥିବା ବେଳେ ରାଜ୍ୟ ବିଭାଗୀୟ ମୁଖ୍ୟ ମାନେ ନିରବତା ଅବଲମ୍ବନ କରି ନୀରିକ୍ଷକ ମାନଙ୍କୁ ଘଂଟ ଘୋଡାଉଥିବାରୁ ଏଭଳି କାରବାର ବଢି ଚାଲିଛି ।

## ରିଲାଏନ୍ସ ଉପରୁ ୨କୋଟି ୧୫ଲକ୍ଷ ଟଙ୍କାର ଷ୍ଟାମ୍ପଶୁଳ୍କ ଛାଡ଼ ପାଇଁ କ୍ୟାବିନେଟ୍ ଅନୁମୋଦନ

ଭୁବନେଶ୍ୱର, ୧୭।୧୨(ପି.ଏନ): ହାଇକୋର୍ଟ ଆଦେଶକ୍ରମେ ମେସର୍ସ ରିଲାଏନ୍ସ(ପଲିଫାଇବରର୍ସ ଲିମିଟେଡ) ଇଣ୍ଡଷ୍ଟିଜ୍‌ଙ୍କ ଦ୍ୱାରା ପ୍ରସ୍ତାବିତ ୨କୋଟି ୧୫ଲକ୍ଷ ୬୪ହଜାର ୬୪୮ ଟଙ୍କାର ଷ୍ଟାମ୍ପଶୁଳ୍କ ଛାଡ଼ କରିବା ପାଇଁ ଆସିଥିବା ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ବୈଠକରେ ନିଷ୍ପତି ନିଆଯାଇଛି ବୋଲି ମୁଖ୍ୟ ସଚିବ ଅସିତ୍ ତ୍ରିପାଠୀ କହିଛନ୍ତି । ସେ କହିଛନ୍ତି ଯେ, ରୁଗ୍ଣ ଶିଳ୍ପ କମ୍ପାନୀ ଅଧିନିୟମ-୧୯୮୫ରେ ଉଲ୍ଲିଖିତ ବ୍ୟବସ୍ଥା ମତେ ଇପିକଲ ସଂସ୍ଥା ସହିତ ମିଶି ଢେଙ୍କାନାଳ ଜିଲ୍ଲାରେ ଏକ ପଲିଷ୍ଟର ସିଲାଇ କାରଖାନା ସ୍ଥାପନ ନିମନ୍ତେ ମେସର୍ସ ଷ୍ଟ୍ର ପ୍ରଡ଼କଟସ ଲିମିଟେଡଙ୍କ ଦ୍ୱାରା ମେସର୍ସ ଓଡ଼ିଶା ସିନ୍ଥେଟିକ ଲିମିଟେଡ କମ୍ପାନୀ ସ୍ଥାପିତ ହୋଇଥିଲା । ଉକ୍ତ ଅଧିନିୟମ ଅନୁଯାୟୀ ପରବର୍ତୀ ପର୍ଯ୍ୟାୟରେ ମେସର୍ସ ଓଡ଼ିଶା ସିନ୍ଥେଟିକ ଲିମିଟେଡ କମ୍ପାନୀ ଜେ.କେ. କର୍ପୋରେସନ ସହିତ ମିଶ୍ରଣ ପୂର୍ବକ ବିଲୟନ ହୋଇଥିଲା । ଜେ.କେ. କର୍ପୋରେସନ ଲିମିଟେଡ ଓଡ଼ିଶା ପଲିଫାଇବର୍ସ ଲିମିଟେଡ ନାମକ ଏକ ସ୍ୱତନ୍ତ୍ର କମ୍ପାନୀ ଗଠନ କରିଥିଲେ ଏବଂ ଉକ୍ତ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କମ୍ପାନୀ ଗୋଷ୍ଠୀର ମେସର୍ସ ସିଲଭା ପଲିଷ୍ଟର ଲିମିଟେଡ(ପୂର୍ବତନ ରିଲାଏନ୍ସ ପଲିଷ୍ଟର ଲିମିଟେଡ) ନାମକ ଏକ କମ୍ପାନୀ ସହିତ ଚୁକ୍ତିନାମା ସ୍ୱାକ୍ଷର କରିଥିଲେ ।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା'ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍ଏମ୍ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା'ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚା ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ବ୍ଲକ ସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ କର୍ମଶାଳା

କେନ୍ଦୁଝର(ପିଏନ) : ହାଟଡିହି ବ୍ଲକର ସରକାରୀ ଉଚ୍ଚ ବିଦ୍ୟାଳୟ ମୁଗୁପୁରରେ ବ୍ଲକ ସ୍ତରୀୟ ବିଜ୍ଞାନ , ଗଣିତ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଆନୁଷ୍ଠାନିକ ଭାବେ ଆୟୋଜିତ ସଭାରେ ବିଇଓ କ୍ଷିରୋଦ କୁମାର ତ୍ରୀପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଏବିଇଓ ସୁରଥ କୁମାର ସାହୁ, ମୁଖ୍ୟ ବକ୍ତା ବିନୋଦ କୁମାର ରାଉତ, ଅତିଥି ସରପଂଚ ଜାନକୀ ଓଝା, ସମିତିସଭ୍ୟ ବିଜୟଲକ୍ଷ୍ମୀ ପାତ୍ର, କମିଟି ସଭାପତି ଅଜୟ କୁମାର ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାହୁ, ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁକୁଳରାଣୀ ପ୍ରଧାନ, ସିଆରସିସି ରାମଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଉଦଘାଟନ କରିଥିଲେ । ଏଥିରେ ୩୯ଟି ହାଇସ୍କୁଲର ୫୫ଟି ପ୍ରକଳ୍ପ କରାଯାଇଥିବା ବେଳେ ୨ୟରୁ ୮ମ ୬୨ ବିଦ୍ୟାଳୟରେ ୬୨ ପ୍ରକଳ୍ପ ଛାତ୍ରଛାତ୍ରୀଙ୍କ ଦ୍ୱାରା କରାଯାଇଥିଲା । ଏଥିରେ ଜର୍ଜ ଭାବେ ଗୋପିନାଥ ଦାସ, ଶତ୍ରୁଘନ ସାହୁ, ଜୟକୃଷ୍ଣ ମିଶ୍ର, ବିଦ୍ୟାଧର ସାହୁ, ପ୍ରମୁଖ ରହି ଷ୍ଟଲ୍ ଗୁଡିକର ମାନ ନିରୁପଣ କରିଥିଲେ ।ଏହି ମେଳାରେ ସିନିୟର ବିଭାଗର ଅତିଶ କୁମାର ସାହୁ ମୁଗୁପୁରୁ ହାଇସ୍କୁଲ ମୁଗୁପୁରୁର ଛାତ୍ର ଆଧଉନିକ କୃଷି ପ୍ରଣାଳୀ କରି ପ୍ରଥମ ସ୍ଥାନ ଅଧିକାର କରିଛି । ସେହିପରି ଜିସି ଗାର୍ଲସ ହାଇସ୍କୁଲ ଓରାଳିର ଛାତ୍ରୀ ସସ୍ମିତା ନାୟକ ଗଣିତ, ମ୍ୟାଜିକ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ବାଲିବରେଇ ହାଇସ୍କୁଲର ଜୟବୀର ସୁତାର ମଙ୍ଗଳଗ୍ରହ ପ୍ରକଳ୍ପ କରି ତୃତୀୟ ସ୍ଥାନ ଅଧିକାର କରିଛି । ସ୍ୱପ୍ନେଶ୍ୱର ହାଇସ୍କୁଲ ସୁଲଣର ଛାତ୍ର ସ୍ୱସ୍ତିକ ମଲ୍ଲିକ ଶିକ୍ଷ ପ୍ରକଳ୍ପ କରି ଚତୁର୍ଥ ସ୍ଥାନ, ମୁଗୁପୁର ହାଇସ୍କୁଲ ମୁଗୁପୁରୁର ଛାତ୍ର ରାଜେଶ କୁମାର ସାହୁ ରାସ୍ତାର ପ୍ରକଳ୍ପ କରି ୫ମ ସ୍ଥାନ ଅଧିକାର କରିଛି । ବାଙ୍ଗୋର ଗାର୍ଲସ ହାଇସ୍କୁଲର ଛାତ୍ରୀ ଶମର୍ପିତା ଶୁଭଦର୍ଶିନୀ ମହାରଣା କମ୍ପୋଷ୍ଟରେ ଗ୍ୟାସ ସୃଷ୍ଟି କରିବା ପ୍ରକଳ୍ପ କରି ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି । ଜୁନିୟର ବିଭାଗର ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଉପାସନା ସୁନ୍ଦରାୟ ଓ୍ୱାରଲ୍ଡ ଆଣ୍ଡ ଡ୍ରୋନ ପ୍ରକଳ୍ପ କରି ପ୍ରଥମ ସ୍ଥାନ ଅଧିକାର କରିଛି । ସରକାରୀ ବାଳିକା ହାଇସ୍କୁଲ ସୋସୋର ଶୁଭଶ୍ରୀ ପ୍ରଧାନ ଅଟୋମେଟିକ ଫାୟାର ଆଲାରାମ ପ୍ରକଳ୍ପ କରି ୨ୟ ସ୍ଥାନ ଅଧିକାର କରିଛି । ସରକାରୀ ନୋଡ଼ାଲ ବିଦ୍ୟାଳୟ ପଢ଼ିଆରୀପଲୀର ନିଲେଶ କୁମାର ବେହେରା ଲାଇ-ଫାଇ-ହେଲଦି ନେଟଓ୍ୱାର୍କ ପ୍ରକଳ୍ପକୁ ନେଇ ୩ୟ ସ୍ଥାନ ଅଧିକାର କରିଛି । ବିଦ୍ୟାଧର ସରକାରୀ ଉପ୍ରା ବିଦ୍ୟାଳୟ ସଡ଼ଙ୍ଗର ଛାତ୍ରୀ ଚିତ୍ରେଶ୍ୱରୀ ବେହେରା ସୋଲାର ଇରିଗେସନ ପ୍ରକଳ୍ପ କରି ୪ର୍ଥ ସ୍ଥାନ ଅଧିକାର କରିଛନ୍ତି । ଦ୍ୱିତୀୟ ପର୍ଯ୍ୟାୟ ଉଦଯାପନି ଅବସରରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାଗୀରଥୀ ସେଠୀ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ସାହୁ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଓଝା, ପ୍ୟାରିମୋହନ ମଲ୍ଲିକ, ରାମଚନ୍ଦ୍ର ଶତପଥୀ ଉପସ୍ଥିତ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ନରେନ୍ଦ୍ର ପ୍ରସାଦ ବେହେରା, ଭଗବାନ ନାୟକ, ମୃତ୍ୟୁଞ୍ଜୟ ପଲେଇ, ଅନିରୁଦ୍ଧ ସେଠୀ, ଶିଶିର କୁମାର ବିଶ୍ୱାଳ, ଅକ୍ଷୟ କୁମାର ରାଉତ, ପ୍ରେମାନନ୍ଦ ପରିଡ଼ା, ପ୍ରିତିଲତା ସେଠୀ ସହଯୋଗ କରିଥିଲେ। ମୁଗୁପୁର ହଇସ୍କୁଲର ସହକାରୀ ଶିକ୍ଷକ ବିଜୟ କୁମାର ଷେଣ୍ଡ, ବିଭୁସ୍ମୀତା ମିଶ୍ର, ଶଶୀରେଖା ଦାସ, ପରିକ୍ଷିତ ସେଠୀ, ନରହରି ଜେନା, ଦିପ୍ତିମୟୀ ସେଠୀ, କେଶବ ଚନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ କୁମାର ସାହୁ, ରଜନୀ ବାରିକ, ପଦ୍ମାବତୀ ଜେନା, ସୁରେନ୍ଦ୍ର କୁମାର ବେହେରା, ଶିବ ସୁନ୍ଦର ସାହୁ, ଛବିରାଣୀ ଜେନା, ସସ୍ମିତା ସାହୁ, ସରୋଜ କୁମାର ନାୟକ, ବିଶ୍ୱନାଥ ନାୟକ, ବେଣୁଧର ନାୟକ, ପ୍ରିୟଦର୍ଶିନୀ ସାହୁ ସମେତ ସମସ୍ତ ସିଆରସିସି ଉପସ୍ଥିତ ରହିଥିଲେ।

## କୋଣାର୍କ ଉତ୍ସବ ର ତୃତୀୟ ସଂଧ୍ୟା

# ଓଡିଶୀରେ ତ୍ରିବେଣୀ ଓ ମୋହିନୀ ଆଟ୍ଟମ ରେ ଜୀବନଉଚ୍ଛ୍ୱାସ ମନ ମୋହିଲା




ଭୁବନେଶ୍ୱର,(ପିଏନ) : ଅର୍କକ୍ଷେତ୍ର କୋଣାର୍କର ସୂର୍ଯ୍ୟମନ୍ଦିର ପାଦଦେଶରେ ଓଡିଶା ପର୍ଯ୍ୟଟନ ବିଭାଗ ଆୟୋଜିତ କୋଣାର୍କ ଉତ୍ସବର ତୃତୀୟ ସଂଧ୍ୟା ପୁରାଣ ପ୍ରସଙ୍ଗ ଓ ଜୀବନ ଦର୍ଶନକୁ ଶାସ୍ତ୍ରୀୟ ନୃତ୍ୟରେ ପ୍ରକ୍ଷାପିତ କରିଥିଲା । ସୁଦୃଶ୍ୟ ଆଲୋକର ସାଜସଜ୍ଜା ଓ ଭରପୁର ଦର୍ଶକ ଗ୍ୟାଲେରୀ ମଧ୍ୟସ୍ଥ ମୁକ୍ତାକାଶ ମଂଚରୁ ଓଡିଶୀ ଏବଂ ମୋହିନୀ ଆଟ୍ଟମ୍‌ର ନୃତ୍ୟାୟିତ ଛନ୍ଦ ସହ ନୂପୁରର ଝଙ୍କାର ଝରି ଆସିଥିଲା । ଗୁରୁ ସ୍ୱପ୍ନାରାଣୀ ସିହ୍ନା ଓ ନୃତ୍ୟନିଳୟ ଅନୁଷ୍ଠାନର ଶିଳ୍ପୀଗଣ ମଂଚ ପ୍ରବେଶ କରିଥିଲେ ବେଦର ଅଗ୍ନିସୁକ୍ତ ଆଧାରିତ ଅଗ୍ନିସ୍ତୁତି କୁ ନେଇ । ପରେ ପରେ ନୃତ୍ୟ ନାଟିକା ତ୍ରିବେଣୀ ସଂଗମ ପବିତ୍ର ଗଙ୍ଗା, ଯମୁନା, ସରସ୍ୱତୀ ନଦୀର ମହିମା ସହ ଆଧାତ୍ମିକ ପୃଷ୍ଠଭୂମି ସମ୍ବଳିତ ଧର୍ମୀୟ ବିଶ୍ୱାସର ଭାବଧାରାକୁ ତୋଳି ଧରିଥିଲେ । ଗୁରୁ ରାମହରି ଦାସଙ୍କ ରଚନା ଓ ସଂଗୀତ ସଂଯୋଜନାକୁ ନେଇ ପ୍ରସ୍ତୁତ ତ୍ରିବେଣୀ ସଂଗମରେ ଗୀତ-ବାଦ୍ୟ ଓ ନୃତ୍ୟର ସଂଗମ ମଧ ପରିଲିକ୍ଷିତ ହୋଇଥିଲା । ଦ୍ୱିତୀୟ ଚରଣରେ ମୋହିନୀ ଆଟ୍ଟମ୍ ର ସୁପ୍ରସିଦ୍ଧ ଗୁରୁ ଜୟପ୍ରଭା ମେନନ୍ ଓ ସାଥୀ ଶିଳ୍ପୀ ଶ୍ରୀଜୟଦେବ କୃତ ଗୀତ ଗୋବିନ୍ଦମର ଚର୍ଚ୍ଚିତ ଅଷ୍ଟପଦୀ ଚନ୍ଦନ ଚର୍ଚ୍ଚିତ ନୀଳ କଳେବର ର ଉପସ୍ଥାପନା କରିଥିଲେ । ଗୁରୁ ମେନନ୍ ଙ୍କ ଦ୍ୱିତୀୟ ଅର୍ଘ୍ୟରେ ଜୀବନର ଉଚ୍ଛ୍ୱାସ ଅତି ନିଖୁଣ ଭାବେ ମଚଂସ୍ଥ ହୋଇଥିଲା । ପ୍ରକୃତି ଓ ପୁରୁଷ ର ମିଳନ ରୁ ସଂଜାତି ସୃଷ୍ଟି ଜୀବନର ଆନନ୍ଦ ତତ୍ୱକୁ ପ୍ରକାଶ କରି ଆସିଛି ଓ ଏହି ଉପଲବ୍ଧି ହିଁ ଜୀବନ ଜିଜ୍ଞାସାର ମୂଳତତ୍ୱ ଯାହା ଶାସ୍ତ୍ରୀୟ ନୃତ୍ୟରେ ପ୍ରତିଭାତ ହୋଇଥିଲା । ମୋହିନୀ ଆଟ୍ଟମର ଅନ୍ତିମ ପ୍ରସ୍ତୁତିରେ ଜୀବ, ମୋକ୍ଷ ଓ ଉପସଂହାରର ଆବେଗକୁ ପ୍ରକାଶ କରିଥିଲା । ସଂଧ୍ୟାର ଅତିଥି ଭାବେ ପ୍ରିନ୍ସିପାଲ ଏ. ଜି. ଯଶୋଧାରା ରାୟ ଚୈଧୁରୀ, ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ୍, ସଂଗୀତ ନାଟକ ଏକାଡେମୀ ସଚିବ ଡ. ବିଜୟ କୁମାର ଜେନା, ଓଡିଶୀ ଗବେଷଣା କେନ୍ଦ୍ର ମୁଖ୍ୟ ଡ.ସଂଗୀତା ଗୋସାଇଁ ଯୋଗ ଦେଥ ପ୍ରଦୀପ ପ୍ରଜ୍ୱଳନ ସହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଡ. ମୃତ୍ୟୁଞ୍ଜୟ ରଥ ଓ ଡ. ସାଧନା ଶ୍ରୀବାସ୍ତବ, ମଂଚ ସଂଚାଳନା କରିଥିବା ବେଳେ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ ଉତ୍ପଳ କୁମାର ପତି, ଡ. ରତିକାନ୍ତ ପଟ୍ଟନାୟକ, ବିଜୟ କୁମାର ଜେନା, ସରୋଜ କାନ୍ତ ପ୍ରଧାନ ପ୍ରଭୃତି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ଏବଂ ଗଣ ମାଧ୍ୟମକୁ ତଥ୍ୟ ଯୋଗାଇବାରେ ସହଯୋଗ କରିଥିଲେ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ବିଷ୍ଣୁ ପ୍ରସାଦ ସିଂହ ।

# ଆନନ୍ଦପୁର ବିଏନ୍ ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ପ୍ଲାଟିନମ୍ ଜୁବୁଲି ପାଇଁ ପ୍ରସ୍ତୁତି ବୈଠକ

କେନ୍ଦୁଝର(ପିଏନ) : ଆନନ୍ଦପୁର ଉପଖଣ୍ଡର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ୧ତାରିଖ ରବିବାର ଦିନ ବିଦ୍ୟାଳୟ ସଭାଗୃହ ଠାରେ ପ୍ଲାଟିନମ୍ ଜୁବୁଲି ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଦ୍ୟାଳୟର ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବିଦ୍ୟାଳୟର ପୁରାତନ ଛାତ୍ର ତଥା ଜୁବୁଲି କମିଟିର ଅଧକ୍ଷ ଇଂ ଶ୍ରୀଧର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପୁରାତନ ଛାତ୍ର ତଥା ପ୍ଲାଟିନମ୍ ଜୁବୁଲିର ଚିପ୍ ପାର୍ଟନ ନିରଂଜନ ପଟ୍ଟନାୟକ, ଆନନ୍ଦପୁର ବିଧାୟକ ଶ୍ରୀଯୁକ୍ତ ଭାଗିରଥି ସେଠୀ, ସମ୍ପାଦକ ଶ୍ରୀଯୁକ୍ତ ମହେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିଲେ । ପ୍ଲାଟିନମ୍ ଜୁବୁଲି ୨୦୨୦ ଜାନୁୟାରୀ ୩୧ତାରିଖରୁ ଫେବୃୟାରୀ ୨ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିବା ବେଳେ ପ୍ଲାଟିନମ୍ ଜୁବୁଲି ପାଇଁ ଅର୍ଥ ସଂଗ୍ରହ ନେଇ ବିଭିନ୍ନ ବ୍ୟାଚ୍‌ର ପୁରାତନ ଛାତ୍ର ମାନଙ୍କୁ ଦାୟୀତ୍ୱ ଦିଆଯାଇଥିଲା । ସ୍ମରଣୀକା ପାଇଁ ଲେଖା, ସାଂସ୍କୃତିକ କାର୍ଯ୍ୟକ୍ରମ, ବିଦ୍ୟାଳୟ ମରାମତି ନେଇ ଆଲୋଚନା କରାଯାଇଥିବା ବେଳେ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ମାନ୍ୟବର ରାଜ୍ୟପାଳ ଗଣେସି ଲାଲ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସଙ୍କ ସହ କେନ୍ଦୁଝର ସାଂସଦ ସୁଶ୍ରୀ ଚନ୍ଦ୍ରାଣୀ ମୁର୍ମୁଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବା ନେଇ ନିଷ୍ପତି ହୋଇଛି । ବିଶେଷ କରି ବିଦ୍ୟାଳୟର ପାଠପଢା, କମ୍ ଛାତ୍ର ସଂଖ୍ୟା, ପ୍ରଧାନଶିକ୍ଷକ, ଶିକ୍ଷକ, କର୍ମଚାରୀ ନିଯୁକ୍ତି ନେଇ ଆଲୋଚନା ହେବା ସହ ଏହାର ପ୍ରତିକାର ପାଇଁ ଉଚ୍ଚ କର୍ତୃପକ୍ଷଙ୍କୁ ଅବଗତ କରାଯିବା ପାଇଁ ନିଷ୍ପତି ହୋଇଥିଲା । ବିଦ୍ୟାଳୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ଶିକ୍ଷକଙ୍କ ବିରୋଧରେ ମଧ ଆଲୋଚନା ହୋଇଥିଲା । ସମସ୍ତେ ମିଳିମିଶି ପ୍ଲାଟିନମ୍ ଜୁବୁଲିକୁ କିପରି ସରସ ସୁନ୍ଦର ଭାବେ ପାଳନ କରିବା ପାଇଁ ଚିପ୍ ପାର୍ଟନ ଶ୍ରୀଯୁକ୍ତ ପଟ୍ଟନାୟକ ଉଦ୍‌ବୋଧନ ଦେଇଥିଲେ । ଏହି ବୈଠକରେ ପୁରାତନ ଛାତ୍ର ସାରଙ୍ଗଧର ଷେଣ୍ଢ଼, ନାରାୟଣ ସା, ପୂର୍ଣ୍ଣଚନ୍ଦ୍ର ସାହୁ, ଦୁର୍ଗାଚରଣ ଦଳେଇ, ଅଶୋକ ମହାନ୍ତି, ଅଶ୍ୱମୋଚନ ମହାନ୍ତି, ଗଗନ ବିହାରୀ ଭଟାଚାର୍ଯ୍ୟ, ଶିବ ଚରଣ ମିଶ୍ର, ନିରାକାର ଦଳେଇ, ବାସୁଦେବ ମହାପାତ୍ର, ନାରାୟଣ ମିଶ୍ର, ରମାକାନ୍ତ ନାୟକ, ଉମାକାନ୍ତ ନାୟକ, ସୁଜିତ କୁମାର ପାତ୍ର, ବିଶ୍ୱନାଥ ସାହୁ, ସୁରେନ୍ଦ୍ର ଦଳେଇ, ଶ୍ରୀଧର ଦଳେଇ, ରବିନ୍ଦ୍ର କୁମାର ଶା, ଦେବରଞ୍ଜନ ସାହୁ, କୀର୍ତନ ସାହୁ, ବିନୋଦ ମିଶ୍ର, ଦିଲ୍ଲୀପ ସିଂହ, ସୁରେଶ ସାହୁ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ ।

# ଶୋଇଥିଲା ବେଳେ ଲାଗିଗଲା ନିଆଁ, ଜଣେ ଜୀବନ୍ତ ଦଗ୍ଧ

ବାଲେଶ୍ୱର(ପିଏନ)-ଭୟାବହ ଅଗ୍ନିକାଣ୍ଡରେ ଜଣେ ବ୍ୟକ୍ତି ଜୀବନ୍ତ ଦଗ୍ଧ ହୋଇଛନ୍ତି । ଘଟଣାଟି ଘଟିଛି ସଦର ଥାନା ଅନ୍ତର୍ଗତ ସୁନ୍ଦରୀ ଗ୍ରାମରେ । ସୂଚନା ଅନୁଯାୟୀ ସୁନ୍ଦରୀ ଅଞ୍ଚଳର କୁଶ ଭାରତୀ ଓ ତାଙ୍କ ସ୍ତ୍ରୀ ଘରେ ଶୋଇଥିଲା ବେଳେ ହଠାତ୍ ନିଆଁ ଲାଗିଯାଇଥିଲା । ଘର ଭିତରୁ ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘର ଭିତରକୁ ପଶି କୁଶଙ୍କ ସ୍ତ୍ରୀକୁ ଉଦ୍ଧାର କରିଥିଲେ । ମାତ୍ର କୁଶ ନିଆଁରେ ପୋଡି ହୋଇ ମୃତ୍ୟୁବରଣ କରିଛନ୍ତି । ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ଓ ପୁଲିସବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି । କୁଶଙ୍କ ସ୍ତ୍ରୀ ସତ୍ୟବତ ଭାରତୀଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ବେଳେ ଉକ୍ତ ଚିକିତ୍ସାଳୟକୁ କୁଶଙ୍କ ମୃତ ଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ତେବେ ସଟ୍‌ସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିଲା ବେଳେ କୁଶଙ୍କ ମୃତ୍ୟୁ ସନ୍ଦେହ ଘେରରେ ରହିଛି ।

# ବାପା ସହ ବଚସା, ରାଗରେ ୬ଟି ବାଇକ ପୋଡିଲା ପୁଅ

ବାଲେଶ୍ୱର(ପିଏନ)-ବାପା ଓ ପୁଅର ଯୁକ୍ତିତର୍କରେ ପୁଅର ଉନ୍ମତ୍ତ କାଣ୍ଡ । ନିଶାସକ୍ତ ଅବସ୍ଥାରେ ୬ଟି ବାଇକକୁ ଜାଳିଦେଲା ପୁଅ । ଘଟଣାଟି ଘଟିଛି କରଞ୍ଜିଆ ଭୋଇସାହିରେ । ସୂଚନାଯୋଗ୍ୟ ଯେ, ଭୋଇସାହିରେ ଏକ ଭଡାଘରେ ରହୁଥିବା ସଞ୍ଜୟ କୁମାର ମହାନ୍ତି ନିଜ ଝିଅ ବାହାଘର ପାଇଁ ନୀଳଗିରିରେ ବ୍ୟସ୍ତ ଥିଲା ବେଳେ ପୁଅ ସୌରଭ ମଦ୍ୟପାନ କରି ଉତ୍ପାତ କରିଥିଲା । ଏନେଇ ଉଭୟ ବାପ ପୁଅଙ୍କ ମଧ୍ୟରେ ଯୁକ୍ତିତର୍କ ଲାଗିବା ସହ କଥା କଟାକଟି ହୋଇଥିଲା । ପରେ ସୌରଭ ନିଶାସକ୍ତ ଅବସ୍ଥାରେ କଲୋନୀରେ ଥିବା ୬ଟି ବାଇକରେ ନିଆଁ ଲଗାଇ ପୋଡି ଦେଇଥିଲା । ନିଆଁ ଲଗାଇବା ପରେ ବାପାଙ୍କୁ ଫୋନ୍ କରି ଏ ସମ୍ପର୍କରେ କହିଥିଲା ସୌରଭ । କଲୋନୀର ଲୋକମାନେ ଏ ନେଇ ଅଗ୍ନିଶମବାହିନୀକୁ ଖବର ଦେଇଥିଲେ । ଘଟଣାସ୍ଥଳରେ ଅଗ୍ନିଶମବାହିନୀ ଆସି ନିଆଁକୁ ଆୟତ୍ତ କରିଥିଲା ବେଳେ ଘଟଣାକୁ ନେଇ ଥାନାରେ ମାମଲା ରୁଜୁ ହୋଇଛି ।

# ହାଇଦ୍ରାବାଦ ପୀଡିତାଙ୍କୁ ନ୍ୟାୟ ଦାବିରେ କ୍ୟାଣ୍ଡେଲ୍ ଶୋଭାଯାତ୍ରା

ବାଲେଶ୍ୱର(ପିଏନ)-: ବହୁ ଚର୍ଚ୍ଚିତ ପ୍ରାଣିଧନ ଚିକିତ୍ସକଙ୍କୁ ଗଣଦୁଷ୍କର୍ମ କରି ଜିଅନ୍ତା ପୋଡି ମାରିଦେବା ଘଟଣା ସମଗ୍ର ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି । ଏ ନେଇ ବାଲେଶ୍ୱର ଜିଲ୍ଲାରେ ପ୍ରତିବାଦ ସ୍ୱରୂପ ମହମବତୀ ଶୋଭାଯାତ୍ରା କରାଯାଇଛି । ଏକ ଘୋରଇ ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଅପରାଧୀଙ୍କୁ କଠୋର ଦଣ୍ଡ ଦାବି କରିବା ସହ ପୀଡିତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ । ସହରର ଫାଣ୍ଡି ଛକରୁ ଏକ ମହମବତୀ ଶୋଭାଯାତ୍ରାରୁ ବାହାରି ଛାତ୍ରଛାତ୍ରୀ ସହର ପରିକ୍ରମା କରିଥିଲା ।

# ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ



ବାଲେଶ୍ୱର(ପିଏନ)- ଆଜି ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ଠାରେ ଜିଲ୍ଲାସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବାଲେଶ୍ୱର ଜିଲ୍ଲାପାଳ ଶ୍ରୀ କେ. ସୁଦର୍ଶନ ଚକ୍ରବର୍ତୀ ଭିନ୍ନକ୍ଷମମାନଙ୍କ ମଧ୍ୟରେ ଭରି ରହିଥିବା ପ୍ରତିଭା ଓ ଦକ୍ଷତା ଚିହ୍ନି ବିନା ପାତର ଅନ୍ତର କରି ଉପଯୁକ୍ତ ମଂଚ ଯୋଗାଇ ଦେଲେ ସେମାନେ ରାଷ୍ଟ୍ର ଗଠନରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇପାରିବେ ବୋଲି କହିଥିଲେ । ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସନ୍ତୋଷ କୁମାର ସାବତ ଏଥିରେ ଅଧ୍ୟକ୍ଷତା କରି ପରିସଂଖ୍ୟାନ ଅନୁଯାୟୀ ଜିଲ୍ଲାରେ ଭିନ୍ନକ୍ଷମଙ୍କ ସଂଖ୍ୟା ୭୦,୭୩୬ ଥିବା ବେଳେ ଏଯାବତ୍ ୩୭,୮୮୦ଜଣଙ୍କର ସର୍ବଭାରତୀୟ ପରିଚୟ ପତ୍ର ପାଇଁ ପଞ୍ଜୀକୃତ ହୋଇସାରିଥିବା ସୂଚନା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୨୧,୫୫୫ ଜଣଙ୍କର ପ୍ରମାଣପତ୍ର ସୃଷ୍ଟି ହୋଇସାରିଛି । ତେବେ ୧୦ହଜାର ଆବେଦନ ସ୍ଥଗିତ ରହିଛି । ସେହିପରି ମଧୁବାବୁ ପେନସନ୍ ଯୋଜନାରେ ୧୯,୧୫୪ଜଣଙ୍କୁ ସରକାରୀ ଭତା ପ୍ରଦାନ କରାଯାଉଛି ଏବଂ ୪୦୯୩ ଜଣଙ୍କୁ ବସ ପାସ୍ ପ୍ରଦାନ କରାଯାଇଥିବା ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ, ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ପ୍ରମୋଦ କୁମାର ଷଡଙ୍ଗୀ, ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ବିକାଶ ଚନ୍ଦ୍ର ଚୌଧୁରୀ, ସ୍ୱେଚ୍ଛାସେବୀ ଶ୍ରୀ ଗୋପାଳ କର ପ୍ରମୁଖ ଆଜିର ଦିବସ ସଂପର୍କରେ କହିଥିବା ବେଳେ କାବ୍ୟଶିଳ୍ପୀ ସର୍ବେଶ୍ୱର ଦାସ ଭିନ୍ନକ୍ଷମମାନେ ଭୋଗୁଥିବା କେତେକ ସମସ୍ୟା ଉପସ୍ଥାପନ କରି ଏଗୁଡିକୁ ସମାଧାନ ପାଇଁ ପ୍ରଶାସନ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ । ସେହିପରି ଜଣେ ଦୃଷ୍ଟିବାଧିତ ଶିକ୍ଷକ ଶ୍ରୀ ଅଭିରାମ ସାବତ ତାଙ୍କର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ । ପରେ ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ମଧ୍ୟେରେ ଚିତ୍ରାଙ୍କନ ଏବଂ ପେଟିଂଗ, ତର୍କ, ଏକାଙ୍କିକା ପ୍ରତିଯୋଗିତାମାନ ଆୟୋଜନ କରାଯାଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ତା ଛଡା ସ୍ୱତନ୍ତ୍ର ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ପ୍ରାଣବଲ୍ଲଭ ପବ୍ଲିକ୍ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ



କେନ୍ଦୁଝର(ପିଏନ): ପ୍ରାଣବଲ୍ଲଭ ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀ ମାନଙ୍କୁ ନେଇ ଏକ ହାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାୟ ୨୨ରୁ ଉର୍ଦ୍ଧ୍ୱ ଷ୍ଟଲ ପଡିଥିବା ବେଳେ ସେଥିରେ ଖାଦ୍ୟ, ଗ୍ରୋସରୀ, ପନିପରିବା ସହିତ ବିଭିନ୍ନ ପ୍ରକାର ପୁସ୍ତକ, ବନଔଷଧି, ଖେଳ ଉପକରଣ ଆଦି ରହିଥିଲା । ଉକ୍ତ କର୍ମଶାଳାକୁ ପବ୍ଲିକ ସ୍କୁଲର ମ୍ୟାନେଜିଂ ଟ୍ରଷ୍ଟି ତଥା ସମାଜସେବୀ ଶ୍ରୀଯୁକ୍ତ ଅଶୋକ ପୁହାଣ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଶିକ୍ଷାର ବୃଦ୍ଧି କରିବା ପାଇଁ ସ୍କୁଲ ତରଫରୁ ଏହିଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ବୋଲି ଶ୍ରୀଯୁକ୍ତ ପୁହାଣ ମହୋଦୟ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଯୋଗ ଦେଇ କିଛି ନୂତନ ଶିକ୍ଷା ଗ୍ରହଣ କରିବା ସହ ଅଭିଭାବକମାନେ ଏହି ହାଟରୁ ନିଜ ନିଜ ପସନ୍ଦର ଜିନିଷମାନ କିଣିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଏବଂ ଶିକ୍ଷୟତ୍ରୀଙ୍କ ସହଯୋଗରେ ଛାତ୍ରଛାତ୍ରୀମାନେ ବିଭିନ୍ନ ଗ୍ରୁପ୍‌ରେ ନିଜ ନିଜ ଭିତରେ ଷ୍ଟଲ ଗୁଡିକ ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସ୍କୁଲର ପ୍ରିନ୍‌ସପାଲ ଦିଲ୍ଲୀପ କୁମାର ମିଶ୍ର, ଶିକ୍ଷକ ଅନୋଜ କୁମାର ଜେନା, ସାଗର ଜେନା, ଜେଏନ୍‌ଏସ୍ ସଭାପତି ତଥା ଶିକ୍ଷୟତ୍ରୀ ଲିପିସ୍ମିତା ଚକ୍ର, ମଞ୍ଜୁଶ୍ରୀ ସୁତାର, ସରୋଜା ସତ୍ୟଜିତା, ମୋନାଲିସା ପଣ୍ଡା, ବିଦ୍ୟାଳୟର ଅନ୍ୟାନ୍ୟ ସହଯୋଗି ବସନ୍ତ କୁମାର ସାହା, ଲଳିତ ରାଉତ, ସୁବାଷ ବେହେରା, ସୁରକ୍ଷା ଦାୟୀତ୍ୱରେ ଥିବା ଅରୁ ମିଶ୍ର, ପ୍ରଦୀବ ନାୟକ, ଦାଶରଥି ନାୟକ, ଗାଡି ଚାଳକ ଓ ହେଲପରମାନେ ସହଯୋଗ କରି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଜାତୀୟ ଏଡ୍‌ସ ଦିବସ ପାଳିତ



କେନ୍ଦୁଝର,(ପିଏନ)- ଆନନ୍ଦପୁର କଲେଜର ଏନ୍‌ସିସି ଛାତ୍ରଛାତ୍ରୀ ମାନଙ୍କୁ ନେଇ ଜାତୀୟ ଏଡ୍‌ସ ଦିବସରେ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଆନନ୍ଦପୁର କଲେଜ ତରଫରୁ ଏଡ୍‌ସ ହଟାଅ ଜୀବନ ବଂଚାଅ କାର୍ଯ୍ୟକ୍ରମ ମାଧ୍ୟମରେ ଆନନ୍ଦପୁର କଲେଜ ଠାରୁ କଚେରୀ ପର୍ଯ୍ୟନ୍ତ ଚାଲି ଚାଲି ଆନନ୍ଦପୁରବାସୀଙ୍କୁ ସଚେତନ କରିଥିଲେ । ଏହି ସଚେତନ ରାଲିକୁ ଆନନ୍ଦପୁର କଲେଜର ଅଧ୍ୟାପକ ଦିଲ୍ଲୀପ ଦାସଙ୍କ ନେତୃତ୍ୱରେ ଆୟୋଜନ କରାଯାଇଥିବା ବେଳେ କଲେଜର ସମସ୍ତ ଅଧ୍ୟାପକ, ଅଧ୍ୟାପିକ ଏବଂ ଛାତ୍ରଛାତ୍ରୀ ସହଯୋଗ କରି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘର ବୈଠକ



ବାଙ୍କୀ,(ପିଏନ)- ବାଙ୍କୀ ଅବସର ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସଂଘ ତରଫରୁ ଶିକ୍ଷକମାନଙ୍କୁ ତାଙ୍କର ନାର୍ଯ୍ୟ ଦାବୀ ଓ ଅଭାବ ଅସୁବିଧାକୁ ଉପସ୍ଥାପନ କରିବା ପାଇଁ ଉତ୍ତର ବାଙ୍କୀ ସହଙ୍ଗା ଗୋପାଳପୁର ପ୍ରାଥମିକ ବିଦ୍ୟାଳୟରେ ଏକ ଭ୍ରାମ୍ୟମାଣ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶିବ ନାରାୟଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ସଂଘର ସଂପାଦକ ସରୋଜ କୁମାର ସାହୁ ଶିକ୍ଷକମାନଙ୍କର ଏସ୍.ସି.ପି , ଟି.ବି.ଏ ବ୍ଲକ ଶିକ୍ଷାଅଧିକାରୀ ବାଙ୍କୀ ଓ ବାଙ୍କୀ ଡମପଡ଼ାଙ୍କ କାର୍ଯ୍ୟାଳୟରେ ବହୁଦିନ ଧରି ପଡିରହିଥିଲେ ମଧ ତାହା କାର୍ଯ୍ୟକାରୀ କରାଯାଇନାହିଁ । କେତେକ ଶିକ୍ଷକଙ୍କର ଉକ୍ତ କାର୍ଯ୍ୟକାରିବା ପାଇଁ କଣ୍ଟ୍ରୋଲସ୍ ଅଫ ଆକାଉଣ୍ଟ୍ ଅଫ ଓଡ଼ିଶା ଭୁବନେଶ୍ୱରଙ୍କୁ ପଠାଇଥିଲେ ମଧ ସେଠାରେ ପଡି ରହିବା ଫଳରେ ଶିକ୍ଷକମାନଙ୍କର ପେନସନ୍ ସଂଶୋଧନ ହୋଇପାରୁ ନାହିଁ । ସରକାରଙ୍କର ୫-ଟି କାର୍ଯ୍ୟରେ ସ୍ୱଚ୍ଛତା ଥିଲାଭଳି ମନେ ହେଉନଥିବା ଏଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବା ସହ ସମସ୍ୟାର ସମାଧାନ ନିମନ୍ତେ ସଂଘ ତରଫରୁ ଦାବୀ ହେଉଛି । ଶିକ୍ଷମାନଙ୍କୁ ଚିକିତ୍ସା ଭତ୍ତା ଦେବା ପାଇଁ ବୈଠକରେ ଦାବୀ ଉପସ୍ଥାପନ କରାଯାଇଥିଲା । ଉକ୍ତ ବୈଠକରେ ସଂଘର ସହ ସଂପାଦକ ଭୃଗୁରାମ ରାଉତ, କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ , ସଭ୍ୟ ବନବିହାରୀ ନାଥ, ଅକ୍ଷୟ କୁମାର ଜେନା , ପ୍ରମୋଦ ଖଟୁଆ ,ଭିକାରୀ ସାହୁ, କାଶୀନାଥ ରାଉତ, ଋଷି କୁମାର ରଣା, ଦାମୋଦର ମହାରଣା, ପ୍ରଭାକର ରାଉତ, ହାଡିବନ୍ଧୁ ସେନାପତି, ସଦାନନ୍ଦ ଦାଶ ପ୍ରମୁଖ ଯୋଗଦାନ କରିଥିଲେ। ପରବର୍ତ୍ତୀ ଭ୍ରାମ୍ୟମାଣ ସଭା ଆସନ୍ତା ତା.୦୮.୧୨.୧୯ରିଖରେ ପଶ୍ଚିମ ବାଙ୍କୀ ପଥୁରୀପଡା ଶିଶୁ ମନ୍ଦିର ଠାରେ ହେବା ପାଇଁ ବୈଠକରେ ସ୍ଥିର କରାଯାଇଛି।

# ଧଗୋଠ ଗ୍ରାମରେ କୁମ୍ଭକାରଙ୍କ କୁରାଳ ପଂଚମୀ ମହୋତ୍ସବ ପାଳିତ

କେନ୍ଦୁଝର(ପିଏନ) : ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଜାମୁଯୋଡି ଗ୍ରାମ ପଂଚାୟତର ଧଗୋଠ ଗ୍ରାମ ବେହେରା ସାହିରେ କୁମ୍ଭକାର ସଂପ୍ରଦାୟର କୁରାଳ ପଂଚମୀ ମହୋତ୍ସବ ମହା ସମାରୋହରେ ପାଳିତ ହେବା ସଙ୍ଗେ ସଙ୍ଗେ ଏହା ଆସନ୍ତା ୪ ତାରିଖ ପର୍ଯ୍ୟନ୍ତ ପାଳିତ ହେବ । କୁରାଳ ପଂଚମୀ ମହୋତ୍ସବ ଆରମ୍ଭରେ ଚକ୍ର ପୂଜା ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କେନ୍ଦୁଝର ଜିଲ୍ଲା ସ୍ଥିତ ଭାଗବତ ପ୍ରଚାର ଓ ପ୍ରସାର ସମିତିର ଉପ-ସଭାପତି ପଣ୍ଡିତ ଶ୍ରୀ ମନୋଜ କୁମାର ଦାସ ମହୋଦୟ କୁରାଳ ପଂଚମୀ ମହୋତ୍ସବରେ ଯୋଗ ଦେଇ ଭାଗବତ ପ୍ରଚାର ଓ ପ୍ରସାର ସହିତ କୁମ୍ଭାରଙ୍କ କୁରାଳ ପୁରାଣ ଏବଂ ଶ୍ରୀମଦ୍ ଭାଗବତ ଗୀତା ଉପରେ ଆଲୋଚନା କରି ଉପସ୍ଥିତ ଗ୍ରାମବାସୀଙ୍କୁ ସତ୍‌ପଥରେ ଚାଲିବା ପାଇଁ ମାର୍ଗ ଦର୍ଶନ ଦେଇଥିଲେ । ଉକ୍ତ ମହୋତ୍ସବରେ ହରିଚନ୍ଦନପୁର କୁରାଳ ସମାଜର ସଭାପତି ପ୍ରେମାନନ୍ଦ ବେହେରା, ଗ୍ରାମବାସୀ ଧନେଶ୍ୱର ବେହେରା, ରଣଜିତ ବେହେରା, ପରିକ୍ଷିତ ବେହେରା, ଗୌରାଙ୍ଗ ମହାନ୍ତ, ପିତାମ୍ବର ବେହେରା, ଧ୍ରୁବ ଚରଣ ବେହେରା, ସନ୍ତୋଷ କୁମାର ବେହେରା, ମୂରଲୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଧଗୋଠ ଭାଗବତ ଟୁଙ୍ଗିର ପ୍ରଚାର ପ୍ରସାର ସଭାପତି ରବିନ୍ଦ୍ର ବେହେରା, ସମ୍ପାଦକ ଯଦୁମଣି ବେହେରା, ମହିଳା ସଭ୍ୟ ରୀନାରାଣୀ ବେହେରା, ସଙ୍ଗୀତା ବେହେରା, ରାଣୀକା ବେହେରା, ସାଇବାଣୀ ବେହେରା, ସଞ୍ଜୁଲତା ବେହେରା ପ୍ରମୁଖ ଉପସ୍ଥିତ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଖେଳ



**ପର୍ଯ୍ୟବେକ୍ଷକ**
PARYABEKHYAK




## ଟିଭିଏସ ମୋଟର କଂପାନି ପକ୍ଷରୁ ଟିଭିଏସ ଏକ୍ସଏଲ ୧୦୦ କମଫର୍ଟ ଆଇ-ଟଚଷ୍ଟାର୍ଟ ଉନ୍ମୋଚିତ

ଭୁବନେଶ୍ୱର: ଦୁଇ ଚକିଆ ଓ ତିନି ଚକିଆ ଯାନର ଅଗ୍ରଣୀ ନିର୍ମାଣକାରୀ ସଂସ୍ଥା ଟିଭିଏସ ମୋଟର କଂପାନି ପକ୍ଷରୁ ଏହାର ଟିଭିଏସ ଏକ୍ସଏଲ ୧୦୦ କମଫର୍ଟ ଆଇ-ଟଚଷ୍ଟାର୍ଟ ଭାରିଆଂଟର ଉନ୍ମୋଚନ ବିଷୟରେ ଘୋଷଣା କରାଯାଇଛି। ଏହି ଗାଡ଼ିରେ ଉନ୍ନତ ମାନର ଷ୍ଟାଇଲ ଉପକରଣ ଯଥା ଷ୍ଟାଇଲିସ ଓ ଆକର୍ଷଣୀୟ ହେଡଲ୍ୟାଂପ ଫେୟାରିଂ, ଲମ୍ବା ଏବଂ ଆରାମଦାୟକ ଡୁଆଲ ଟୋନ ସିଟ ସହିତ କୁସନ ବ୍ୟାକ ରେଷ୍ଟ, କ୍ରୋମ ଉପକରଣ-କ୍ରୋମ ଲେଗ ଗାର୍ଡ ଓ କ୍ରୋମ ସାଇଲେନସର ଗାର୍ଡ ଏବଂ ସାମ୍ନା ହାଇଡ୍ରଲିକ ସସପେନସନ ବ୍ୟବହାର କରାଯାଇଛି ଯାହା ଗାଡ଼ି ଚଳାଇବା ବେଳେ ଅଧିକ ଆରାମକୁ ନିଶ୍ଚିତ କରିବ। ଏହି ଅବସରରେ ଶ୍ରୀଯୁକ୍ତ ଏସ ବୈଦ୍ୟନାଥନ, ଉପ ସଭାପତି-ୟୁଟିଲିଟି ପ୍ରଡକ୍ଟସ, ଟିଭିଏସ ମୋଟର କଂପାନି କହିଛନ୍ତି ଯେ, ''ଏହି ବର୍ଷଗୁଡ଼ିକରେ, ଟିଭିଏସ ଏକ୍ସଏଲ ବ୍ରାଣ୍ଡ ଗ୍ରାହକ ସନ୍ତୁଷ୍ଟିକୁ ନେଇ ରହିଥିବା ଦର୍ଶନ ଉପରେ ଦଣ୍ଡାୟମାନ ଯାହା ଆମକୁ ୧.୨୫ କୋଟିରୁ ଅଧିକ ସନ୍ତୁଷ୍ଟ ଓ ଖୁସି ଗ୍ରାହକଙ୍କ ମାଇଲଖୁଂଟ ଅତିକ୍ରମ କରିବାରେ ସହାୟକ ହୋଇଛି। ଟିଭିଏସ ଏକ୍ସଏଲ ୧୦୦ କନଫର୍ଟ ଆଇ-ଟଚଷ୍ଟାର୍ଟ ଭାରିଆଂଟର ଉନ୍ମୋଚନ ହେଉଛି ସେହି ଦର୍ଶନକୁ ଆଗକୁ ବଢ଼ାଇବା, ଯାହାର ଲକ୍ଷ୍ୟ ହେଉଛି ଆମର ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ନୂଆ ପିଢ଼ିର ସୁବିଧା ସୁଯୋଗ ପ୍ରଦାନ କରିବା, ଏହାର କଂପାକ୍ଟ ଓ ହାଲୁକା ଡିଜାଇନ ସହିତ ସ୍ୱୟଂଚାଳିତ ଗିୟର ଜରିଆରେ ଉତମ ଆରାମର ପ୍ରତିଶ୍ରୁତି ପ୍ରଦାନ କରିବା ଏବଂ ବଜାରରେ ଏହାକୁ ଅନ୍ୟତମ ସବୁଠୁ ସୁଲଭ ଦୁଇ ଚକିଆ ଯାନରେ ପରିଣତ କରିବା।'' ଏହା ସହିତ ସେ କହିଛନ୍ତି, 'ଆଜିର ଗାଡ଼ି ଚାଳକଙ୍କ ପାଇଁ ସବୁଠୁ ବଡ଼ ସମସ୍ୟା ହେଉଛି ଟ୍ରାଫିକ-ଲମ୍ବା ସମୟ ଯାତ୍ରା କରିବା, ଭିଡ଼ ରାସ୍ତାରେ ଆଗକୁ ଯିବା ପାଇଁ କଷ୍ଟ କରିବା ଏବଂ ଗାଡ଼ିକୁ ପାର୍କ କରିବା ଲାଗି ସୁବିଧା ସ୍ଥାନ ଟିଏ ପାଇବାରେ ସମସ୍ୟା ଦେଖାଦେଉଛି। ବର୍ତମାନ କ୍ଷୁଦ୍ର ସହରର ଦୁଇ ଚକିଆ ବ୍ୟବହାରକାରୀମାନେ ମଧ ସମାନ ସମସ୍ୟା ସାମ୍ନା କରୁଛନ୍ତି। ତେଣୁ, ସେମାନେ ଯେଭଳି ନିଜର ଦୈନନ୍ଦିନ କାର୍ଯ୍ୟକୁ ପରିଚାଳନା କରିପାରିବେ ଏବଂ ସୁବିଧାରେ ଅନେକ ଥର ଅଳ୍ପ ଦୂରତାର ସ୍ଥାନକୁ ସୁଲଭ ମୂଲ୍ୟରେ ଯାତ୍ରା କରିପାବେ ସେ ଦିଗରେ ସହାୟତା ପ୍ରଦାନ କରିବା ଲାଗି ଟିଭିଏସ ଏହି ସମାଧାନ ଆଣିଦେଇଛି।''

## ଓରିଫ୍ଲେମର ଅପ୍ଟିମାଲ କ୍ଲିୟର ହ୍ୱାଇଟ ରେ ସହ ତ୍ୱଚାରେ ପାଆନ୍ତୁ ପ୍ରାକୃତିକ ଚମକ

ଭୁବନେଶ୍ୱର : ଅଗ୍ରଣୀ ଡାଇରେକ୍ଟ ସେଲିଙ୍ଗ ସ୍ୱେଡିସ ବିୟୁଟି ବ୍ରାଣ୍ଡ ଓରିଫ୍ଲେମ ଏହାର ନୂତନ ଅପ୍ଟିମାଲ କ୍ଲିୟର ହ୍ୱାଇଟ ରେର ଶୁଭାରମ୍ଭ କରିଛି। ପ୍ରକୃତି ଏବଂ ବିଜ୍ଞାନରେ ସମୃଦ୍ଧ ଅପ୍ଟିମାଲ କ୍ଲିୟର ହ୍ୱାଇଟ ରେର ପ୍ରତ୍ୟେକ ଉତ୍ପାଦ ସ୍ୱତନ୍ତ୍ର ପ୍ରାକୃତିକ ଉପାଦାନରେ ଭରପୂର। ଏହି ରେର ପ୍ରାଥମିକ ଉପାଦାନରେ ରହିଛି ଲିକୋରାଇସ, ଯାହାକି ଏହାର ତ୍ୱଚା ଉଜ୍ଜ୍ୱଳକାରୀ ଗୁଣ ପାଇଁ ଜଣାଶୁଣା। ସିଲଭର ବିର୍ଚ, ମିଡୋସ୍ୱିଟ, ବ୍ଲୁବେରୀ, ରାସ୍ପବେରୀ ଏବଂ ସ୍ୱିଟ ବେରୀ ଭଳି ପ୍ରାକୃତିକ ଉପାଦାନର ସମାହାର ଭାବେ ଏହି ଉତ୍ପାଦ ଗୁଡ଼ିକ ଉଜ୍ଜ୍ୱଳ ଏବଂ ଚମକିତ ତ୍ୱଚା ଯୋଗାଇଥାନ୍ତି। ଏହି ରେରେ ରହିଛି ଚର୍ମତତ୍ତ୍ୱ ବିଶେଷଜ୍ଞଙ୍କ ଦ୍ୱାରା ପରିକ୍ଷୀତ, ଉପୋଭୋକ୍ତା ପରିକ୍ଷୀତ ଏବଂ ପାରାବିନ ରହିତ ଡେ କ୍ରିମ, ନାଇଟ କ୍ରିମ, ଆଇ କ୍ରିମ, କ୍ଲିନ୍‌ଜିଙ୍ଗ ଫୋମ ଏବଂ ଟୋନର।

## ସାମ୍‌ସଙ୍ଗ ଭାରତରେ ଆର ଏଣ୍ଡ ଡି ସେଂଟର ପାଇଁ ୧୨୦୦ ଇନିୟରଙ୍କୁ ନିଯୁକ୍ତି ଦେବା ପାଇଁ ଯୋଜନା କରୁଛି

ଭୁବନେଶ୍ୱର : ସାମ୍‌ସଙ୍ଗ ଭାରତରେ ଏହାର ଆର ଏଣ୍ଡ ଡି ସେଂଟରକୁ ସୁଦୃଢ଼ କରିବା ପାଇଁ ଚଳିତ ବର୍ଷ ଭାରତର ଆଇଆଇଟି ଓ ଶୀର୍ଷ ଇନିୟରିଂ କଲେଜରୁ ୧୨୦୦ ଇନିୟରଙ୍କୁ ନିଯୁକ୍ତି ପ୍ରଦାନ କରିବା ପାଇଁ ଯୋଜନା କରୁଛି। କମ୍ପାନୀ ମଧ ନୂତନ ଆଇଆଇଟିରୁ ପ୍ରତିଭାସମ୍ପନ୍ନ ମାନବ ସମ୍ବଳ ଗ୍ରହଣ ପାଇଁ ଲକ୍ଷ୍ୟ ରଖିଛି। ଏହି ଶୀର୍ଷ ଅନୁଷ୍ଠାନରୁ ଦକ୍ଷ ଇନିୟରମାନେ ଭବିଷ୍ୟତର ଟେକ୍‌ନୋଲୋଜି ଓ ଡୋମେନ୍ ଯଥା ଆର୍ଟିଫିସିଆଲ୍ ଇଂଟେଲିଜେନ୍‌ସ, ମେସିନ୍ ଲର୍ଣ୍ଣିଂ, ଡିପ୍ ଲର୍ଣ୍ଣିଂ, ଇମେଜ୍ ପ୍ରୋସେସିଂ, ମିଡିଲ୍‌ୱୟାର ଡେଭ୍‌ଲପମେଂଟ, କ୍ଲାଉଡ୍ ଆଇଓଟି, ରେକଗନିସନ ସିଷ୍ଟମ, ଡାଟା ଆନାଲିସିସ୍, ଅନ୍ ଡିଭାଇସ୍ ଏଆଇ, ମୋବାଇଲ୍ କମ୍ୟୁନିକେସନ, ନେଟ୍‌ୱାର୍କ, ଇମେଜିଂ, ଭଏସ୍, ଭିଏଲ୍‌ଏସ୍‌ଆଇ ଓ ୟୁଆଇ/ୟୁଏକ୍ସ ରେ କାର୍ଯ୍ୟ କରିବେ। ଡିସେମ୍ବର ୧ ରୁ ଆରମ୍ଭ କରାଯାଇ, ବେଙ୍ଗାଲୁରୁ, ନୋଏଡା ଓ ଦିଲ୍ଲୀରେ ଥିବା ତିନୋଟି ଆର ଏଣ୍ଡ ଡି ସେଂଟର ଦିଲ୍ଲୀ, କାନ୍‌ପୁର, ମୁମ୍ବାଇ, ମାଡ୍ରାସ୍, ଗୌହାଟି, ଖଡ଼୍‌ଗପୁର, ବିଏଚ୍‌ୟୁ, ରୁର୍‌କି, ପଲକଡ୍, ତିରୁପତି, ଇନ୍ଦୋର, ଗାନ୍ଧିନଗର, ପାଟନା, ଭୁବନେଶ୍ୱର, ମଣ୍ଡି ଓ ଯୋଧପୁର ରେ ଥିବା ଆଇଆଇଟି କ୍ୟାମ୍ପସକୁ ପରିଦର୍ଶନ କରିବେ। ଏହି ତାଲିକାରେ ଆଇଆଇଟି ଭିଲାଇର ନୂତନ ସଂସ୍କରଣକୁ ମଧ ସାମିଲ୍ କରାଯାଇଛି। ସାମ୍‌ସଙ୍ଗ ଅନେକ ଷ୍ଟ୍ରିମରୁ ଛାତ୍ରମାନଙ୍କୁ ନିଯୁକ୍ତି ପ୍ରଦାନ କରିବ ଯେଉଁଥିରେ ରହିଛି କମ୍ପ୍ୟୁଟର ସାଇନ୍‌ସ, ଇଲେକ୍‌ଟ୍ରୋନିକ୍‌ସ ଓ କମ୍ୟୁନିକେସନ, ଇଲେକ୍‌ଟ୍ରିକାଲ୍ ଇନିୟରିଂ, ମ୍ୟାଥମେଟିକ୍‌ସ ଓ କମ୍ପ୍ୟୁଟିଂ, ଇନ୍‌ଷ୍ଟ୍ରୁମେଂଟେସନ ଏଣ୍ଡ ଇନ୍‌ଫରମେଂଟେସନ ଟେକ୍‌ନୋଲୋଜି ଯାହାଦ୍ୱାରା ଅଧିକ ନୂତନ ସମାଧାନର ବିକାଶ କରାଯାଇପାରିବ ଓ ଲୋକମାନଙ୍କୁ ଅଧିକ ସୁବିଧା ସୁଯୋଗ ମିଳିପାରିବ। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆ ପକ୍ଷରୁ ଏହାର ମାନବ ସମ୍ବଳ ମୁଖ୍ୟ, ସମୀର ୱାଧୱାନ କହିଛଂଯେ, 'ଆଜି, ସାମ୍‌ସଙ୍ଗର ଇଣ୍ଡିଆ ଆର ଏଣ୍ଡ ଡି ସେଂଟର ଉଭୟ ସ୍ଥାନୀୟ ଓ ବିଶ୍ୱ ଉଭୟ କ୍ଷେତ୍ରରେ ନୂତନତାକୁ ଆଗେଇ ନେଉଛି, ତଥା ଆମର ଦକ୍ଷ ଇନିୟରମାନଙ୍କୁ ସେମାନଙ୍କର ଉତ୍କର୍ଷତା ପ୍ରତିପାଦନ କରିବା ନିମେଂ ଉପଯୁକ୍ତ ପ୍ଲାଟ୍‌ଫର୍ମ ପ୍ରଦାନ କରୁଛି। ଚଳିତ ବର୍ଷ, ଆମେ ୧,୨୦୦ ଇନିୟରଙ୍କୁ ନେବା ପାଇଁ ଯୋଜନା କରୁଛୁ ଓ ଏବେ ସୁଦ୍ଧା ଆଇଆଇଟି ଓ ଟପ୍ ଅନୁଷ୍ଠାନରେ ଇନିୟରମାନଙ୍କୁ ୩୪୦ ଟି ପିପିଓ ପ୍ରଦାନ କରିସାରିଛୁ।' ଆଇଆଇଟି ବ୍ୟତୀତ, ସାମ୍‌ସଙ୍ଗ ମଧ ଅନ୍ୟାନ୍ୟ ଶୀର୍ଷ ଇନିୟରିଂ କଲେଜ୍ ଯଥା ବିଟ୍‌ସ ପିଲାନି, ଆଇଆଇଟି, ଏନ୍‌ଆଇଟି, ଦିଲ୍ଲୀ ଟେକ୍‌ନୋଲୋଜିକାଲ୍ ୟୁନିଭର୍ସିଟି, ମନିପାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନୋଲୋଜି, ଆଇଆଇଏସ୍‌ସି ବାଙ୍ଗାଲୋରରୁ ମଧ ଦକ୍ଷ ଇନିୟରମାନଙ୍କୁ ନିଯୁକ୍ତି ପ୍ରଦାନ କରିବ।

## ଅକଶରା ସେଣ୍ଟର ପକ୍ଷରୁ 'ବିଗ୍ ସ୍ମଲ୍ ଷ୍ଟେପ୍‌ସ' ରିପୋର୍ଟ ଉନ୍ମୋଚିତ



ଭୁବନେଶ୍ୱର: ଅକଶରା ସେଣ୍ଟର ପକ୍ଷରୁ ଏହାର ରିପୋର୍ଟ 'ବିଗ୍ ସ୍ମଲ୍ ଷ୍ଟେପ୍‌ସ'ର ଉନ୍ମୋଚନ କରାଯାଇଛି; ଯାହାକି ସହରର ଯୁବପିଢ଼ୀ, ପରିବର୍ତ୍ତନର ନିର୍ମାତା ଓ ଭବିଷ୍ୟତ ପିଢ଼ୀ ମାନଙ୍କ ମଧ୍ୟରେ ଲିଙ୍ଗଗତ ସମାନତା ଓ ଲିଙ୍ଗଗତ ବିଶ୍ୱାସକୁ ନେଇ ରହିଥିବା ଗ୍ରହଣୀୟତାକୁ ଆକଳନ କରିଛି। ବର୍ତ୍ତମାନ ପିଢ଼ୀର ଯୁବବର୍ଗ ଲିଙ୍ଗଗତ ସମାନତାକୁ କିଭଳି ବୁଝିଛନ୍ତି ଏବଂ ସେମାନେ ପାରମ୍ପରିକ ସାମାଜିକ ନୀତିନିୟମଠାରୁ କେତେ ଦୂରକୁ ଚାଲିଯାଇଛଂ ତାହା ବୁଝିବା ଏହି ରିପୋର୍ଟର ମୁଖ୍ୟ ଉଦ୍ଦେଶ୍ୟ। ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଅକଶରା ସେଣ୍ଟର ଭାରତର ୮ଟି ରାଜ୍ୟରେ ୧୫ରୁ ୨୯ ବର୍ଷ ବୟସ ମଧ୍ୟରେ ୩୩୬୪ ଜଣ ପୁରୁଷ ଓ ୩୦୬୪ ଜଣ ମହିଳାଙ୍କୁ ନେଇ ଏକ ସର୍ଭେ କରିଥିଲା। ମୁମ୍ବାଇ, ଦିଲ୍ଲୀ, ଚେନ୍ନାଇ ଓ କଲିକତା ଭଳି ୪ଟି ମେଟ୍ରୋ ସହର ଏବଂ ବିଜୟୱାଡା, ଲୁଧିଆନା, ଅହମ୍ମଦାବାଦ ଓ ଭୁବନେଶ୍ୱର ଆଦି ୪ଟି ସହରରେ ଏହି ସର୍ଭେ କରାଯାଇଥିଲା। ଏହି ସର୍ଭେ ରିପୋର୍ଟ ଯେଉଁଥିରେ ଯୁବପୀଢ଼ୀଙ୍କ ମଧ୍ୟରେ ଲିଙ୍ଗଗତ ସମାନତାକୁ ନେଇ ରହିଥିବା ଦୃଷ୍ଟିକୋଣର କିଛି ପ୍ରମୁଖ ଅଂଶ ନିମ୍ନରେ ଉଲ୍ଲେଖ କରାଯାଇଛି। ଅଧିକାଂଶ ଯୁବପିଢ଼ୀ ସାମାଜିକ ଭାବେ ପ୍ରଗତିଶୀଳ ଥିଲେ ଏବଂ ସେମାନେ ପାରମ୍ପରିକ ଚିଂାଧାରା ତଥା ସାମାଜିକ ନୀତିନିୟମକୁ ଖାରଜ କରିଥିଲେ। ସେମାନେ (୫୮.୭% ପୁରୁଷ ଓ ୭୮.୭% ମହିଳା) ମନ୍ଦିର ଓ ମସ୍‌ଜିଦ ଗୁଡ଼ିକର ଭିତର ଅଂଶ ବା ପବିତ୍ର ସ୍ଥାନରେ ମହିଳାମାନଙ୍କୁ ପ୍ରବେଶ ଅନୁମତି ନମିଳିବା ନେଇ ରହିଥିବା ସାମାଜିକ ପ୍ରଥାକୁ ବିରୋଧ କରିଥିଲେ। ଏଥିସହିତ ମାସିକ ଋତୁଚକ୍ର ସମୟରେ ମହିଳାମାନେ ଘରେ ରୋଷେଇ କରିବା ଉଚିତ ନୁହେଁ ବୋଲି ରହିଥିବା ସାମାଜିକ ପ୍ରଥାକୁ ମଧ ଗ୍ରହଣ କରିନଥିଲେ। ଏହି ରିପୋର୍ଟ ଉନ୍ମୋଚନ ସମାରୋହକୁ ଅଭିନେତା ରାହୁଲ ବୋଷ ଲିଙ୍ଗଗତ ସମାନତା ଉପରେ ନିଜର ମତ ପ୍ରକାଶ କରି ଆରମ୍ଭ କରିଥିଲେ। ଏହାସହିତ ଷ୍ଟାଣ୍ଡଅପ୍ କମେଡିଆନ୍ ଜ୍ୟାକି ଠକ୍କର, କାଜୋଲ୍ ଶ୍ରୀନିବାସନ ଓ ପୁଜା ରାମଚନ୍ଦ୍ରନ ରିପୋର୍ଟ ସହ ଜଡିତ କିଛି କଠୋର ସତ୍ୟକୁ ଅଣପାରମ୍ପରିକ ଉପାୟରେ ପ୍ରକାଶ କରିଥିଲେ। ଉକ୍ତ ସନ୍ଧ୍ୟାରେ ଦର୍ଶକମାନେ ଲିଙ୍ଗଗତ ବିଶ୍ୱାସ ସମ୍ପର୍କରେ ଅତିଥିମାନଙ୍କର ଅଣଔପଚାରିକ ଦୃଷ୍ଟିକୋଣକୁ ଦେଖିବାକୁ ପାଇଥିଲେ। ଏହାପରେ ଦେଶରେ ଲିଙ୍ଗଗତ ଭେଦଭାବର ସ୍ତରରେ ପରିବର୍ତ୍ତନ ଆଣିବାରେ ଯୁବପୀଢ଼ୀଙ୍କ ଯୋଗଦାନ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା।

## ଭୁବନେଶ୍ୱରରେ ସେମ୍‌ରକ୍ ଆଣ୍ଡ ସେମ୍‌ଫର୍ଡ ଗ୍ରୁପ୍ ଅଫ୍ ସ୍କୁଲ୍ ପକ୍ଷରୁ କର୍ମଶାଳା ଆୟୋଜିତ



ଭୁବନେଶ୍ୱର: ଦକ୍ଷିଣ ଏସିଆର ଦ୍ରୁତ ଅଭିବୃଦ୍ଧିଶୀଳ ସ୍କୁଲ୍ ଶୃଙ୍ଖଳା ସେମ୍‌ରକ୍ ଆଣ୍ଡ ସେମ୍‌ଫର୍ଡ ଗ୍ରୁପ୍ ଅଫ୍ ସ୍କୁଲ୍‌ସ ପକ୍ଷରୁ ନିକଟରେ 'ଏ ଟୁ ଜେଡ୍ ଅଫ୍ ଓପ୍‌ନିଙ୍ଗ୍ ଏ ସକ୍‌ସେସ୍‌ଫୁଲ ସ୍କୁଲ୍' ନାମରେ ଏକ ଦିନିକିଆ କର୍ମଶାଳା ଭୁବନେଶ୍ୱରସ୍ଥିତ ହୋଟେଲ ହିନ୍ଦୁସ୍ଥାନ ଇଣ୍ଟର୍‌ନ୍ୟାସ୍‌ନାଲରେ ଆୟୋଜିତ ହୋଇଯାଇଛି। ନିଜ ସହରରେ ଏକ ପ୍ଲେ ସ୍କୁଲ୍, ପ୍ରାଇମେରୀ ସ୍କୁଲ୍ କିମ୍ବା ସିନିୟର ସେକେଣ୍ଡାରୀ ସ୍କୁଲ୍ ଖୋଲିବାକୁ ଚାହୁଁଥିବା ଇଚ୍ଛୁକ ଉଦ୍ୟୋଗୀ ମାନଙ୍କ ପାଇଁ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ସେମ୍‌ରକ୍ ଆଣ୍ଡ ସେମ୍‌ଫର୍ଡ ଗ୍ରୁପ୍ ଅଫ୍ ସ୍କୁଲ୍‌ସର ଉପାଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଏବଂ ଏସିଆର ନମ୍ବର ୱାନ୍ ସ୍କୁଲିଙ୍ଗ୍ ଏକ୍ସପର୍ଟ ଓ ଲିମ୍‌କା ବୁକ୍ ଅଫ୍ ରେକର୍ଡ ହୋଲ୍ଡର(୨୦୧୩) ଶ୍ରୀଯୁକ୍ତ ଅମୋଲ ଅରୋରା ଏହାକୁ ପରିଚାଳନା କରିଥିଲେ। ଏହି କର୍ମଶାଳା ସମ୍ପର୍କରେ ଶ୍ରୀଯୁକ୍ତ ଅମୋଲ ଅରୋରା କହିଛଂ ଯେ, ସେ ଏହି କର୍ମଶାଳା ମାଧ୍ୟମରେ ନିଜର ୩୦ ବର୍ଷର ଅଭିଜ୍ଞତା, ଜ୍ଞାନ ଓ ଦକ୍ଷତାକୁ ଲୋକଙ୍କ ସହ ବାଣ୍ଟିବାକୁ ଇଚ୍ଛୁକ ଥିଲି। ଦେଶରେ ଶିକ୍ଷାର ସ୍ତରକୁ ବୃଦ୍ଧି କରିବା ଓ ଛାତ୍ରଛାତ୍ରୀମାନଙ୍କ ପାଇଁ ଏକ ଶିକ୍ଷଣୀୟ ପ୍ରଣାଳୀ ସୃଷ୍ଟି କରିବା ହେଉଛି ଏହି କର୍ମଶାଳାର ମୁଖ୍ୟ ଲକ୍ଷ୍ୟ। ମୁଁ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଅଧିକ ସ୍କୁଲ୍ ଖୋଲିବା ନେଇ ମୋର ପ୍ରତିଶ୍ରୁତିକୁ ପୂରଣ କରିବା ଦିଗରେ କାର୍ଯ୍ୟ କରୁଛି। ଏକ ସ୍କୁଲ୍ ଖୋଲିବା ସହ ତାହାକୁ କିଭଳି ସଫଳତାର ସହ ପରିଚାଳନା କରାଯିବ ସେସମ୍ପର୍କରେ ଅଂଶଗ୍ରହଣକାରୀମାନଙ୍କୁ ଉପଯୁକ୍ତ ତଥ୍ୟ ଓ ରଣକୌଶଳ ପ୍ରଦାନ କରିବା ଏହି କର୍ମଶାଳାର ଉଦ୍ଦେଶ୍ୟ ଥିଲା। ବିଭିନ୍ନ ପ୍ରକାରର ସ୍କୁଲ୍ ପାଇଁ ଆବଶ୍ୟକ ନିବେଶ ଏବଂ ନିଜର ଏକ ସ୍କୁଲ୍ ଖୋଲିବା ପାଇଁ ଲୋକେ କରୁଥିବା ସବୁଠାରୁ ବଡ ଆର୍ଥିକ ଭୁଲ୍‌ଗୁଡିକ ଉପରେ ଏହି କର୍ମଶାଳାରେ ଆଲୋକପାତ କରାଯାଇଥିଲା। ଏଥିସହିତ ଅଂଶଗ୍ରହଣକାରୀଙ୍କୁ ସ୍କୁଲ୍ ଖୋଲିବା ପାଇଁ ସଠିକ୍ ସ୍ଥାନ ଚୟନ କରିବା ସମ୍ପର୍କରେ ସୂଚନା ଦିଆଯାଇଥିଲା। ସେହିପରି ଜମି ଓ ଘର ଆବଶ୍ୟକତା ସହ ସହଜରେ ସରକାରୀ ମୁରୀ ପ୍ରାପ୍ତ କରିବା ଆଦି ସୂଚନା ମଧ ଦିଆଯାଇଥିଲା। ଅ ଏହାବ୍ୟତୀତ କାହିଁକି, କେବେ, କେଉଁଠାରେ ଓ କିଭଳି ଏକ ସ୍କୁଲ୍ ଖୋଲାଯାଇପାରିବ ସେସମସ୍ତ ବିଷୟ ଉପରେ ଆଲୋଚନା ହୋଇଥିଲା।

## ଭାରତରେ ବିଶ୍ୱ ସ୍ତରୀୟ ଫାକଲଟିଙ୍କ ଜରିଆରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଗଠନ




ଭୁବନେଶ୍ୱର: ଆଜି ଭୁବନେଶ୍ୱର ଠାରେ ଓ ପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟିର ପ୍ରଫେସର (ଡକ୍ଟର) ସି ରାଜ କୁମାର କହିଛଂ ଯେ, ଭବିଷ୍ୟତର ଶିକ୍ଷାଗ୍ରହଣ ପଦ୍ଧତି ବିବିଧ-ଶୃଙ୍ଖଳାର ହେବ ଯେଉଁଠାରେ ବିଶ୍ୱ ସ୍ତରୀୟ ଫାକଲଟିଙ୍କ ଯୋଗଦାନ ଜରିଆରେ ଶିକ୍ଷାଦାନ ପଦ୍ଧତିରେ ଉତମ ଗୁରୁତ୍ୱ ଓ ଉତମ ଗଭୀରତାକୁ ନିଶ୍ଚିତ କରାଯାଇପାରିବ, ଯାହା ଛାତ୍ରଛାତ୍ରୀଙ୍କ ଉଚ୍ଚ ସ୍ତରର ସଂପୃକ୍ତି ଓ ଉଚ୍ଚଶିକ୍ଷାରେ ସାମଗ୍ରିକ ଅନୁଭୂତି ଆଣିବ। 'ଭାରତରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉଭୟ ଅଣ୍ଡରଗ୍ରାଜୁଏଟ ଓ ପୋଷ୍ଟ ଗ୍ରାଜୁଏଟ ସ୍ତରରେ ଉଚ୍ଚ ମାନର ଫାକଲଟିଙ୍କୁ ଧରି ରଖିବା ଏକ ବଡ଼ ଆହ୍ୱାନ। ଏବେ ଭାରତରେ ବିଶ୍ୱବିଦ୍ୟାଳୟ ଓ ନୀତିନିର୍ଧାରକମାନେ ଆଂର୍ଜାତିକ ର୍‍ୟାଙ୍କିଙ୍ଗ ଉପରେ ଅଧିକ ଧ୍ୟାନ ଦେଉଛଂ, ଏହା ହେଉଛି ଏକ ସମୟ ଯେଉଁଠାରେ ଗୁଣାତ୍ମକ ଫାକଲଟି ବିଭିନ୍ନ ଅଂଶୀଦାରଙ୍କ ଯାଂଚ ସାମ୍ନା କରୁଛଂ। ଆମେ ଆମର ବିଶ୍ୱବିଦ୍ୟାଳୟଗୁଡ଼ିକୁ ନୂତନତ୍ୱ, ଅର୍ଥନୈତିକ ଅଭିବୃଦ୍ଧି, ସାମାଜିକ ବିକାଶ ଓ ଉଦ୍ୟମିତାର ପରିବର୍ତନ ବାର୍ତାବହ ଭାବେ ବିକଶିତ କରିବାକୁ ଚାହୁଁଛୁ ବୋଲି ଭାରତୀୟ ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ୧୦ ସୂତ୍ରୀ ଅଭିବୃଦ୍ଧି ଓ ସଂସ୍କାର ଯୋଜନା ବିଷୟରେ ବର୍ଣ୍ଣନା କରିବା ବେଳେ ଡକ୍ଟର ରାଜ କୁମାର କହିଛଂ।'' ଜେଜିୟୁର ଦୃଷ୍ଟିକୋଣ ଓ ଲକ୍ଷ୍ୟର ମୂଳରେ ରହିଛି ଭାରତରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଉତ୍କର୍ଷର ରୋଲ୍ ମଡେଲ୍ ହେବା ଓ ବିଶ୍ୱରେ ଅଗ୍ରଣୀ ବିଶ୍ୱବିଦ୍ୟାଳୟଗୁଡ଼ିକ ଭିତରେ ସ୍ଥାନ ପାଇବା ଲାଗି ଆମର ଅଭିଳାଷ ରହିଛି। ୨୦୨୦ରେ ଜେଜିୟୁ ପ୍ରଦାନ କରିବାକୁ ଥିବା ନୂଆ କାର୍ଯ୍ୟକ୍ରମଗୁଡ଼ିକର ତାଲିକା ଏଠାରେ ପ୍ରଦାନ କରାଯାଇଛି: 'ବି.ଏ. (ଅନର୍ସ) (ପଲଟିକାଲ ସାଇନ୍ସ), 'ବି.ଏ. (ଅନର୍ସ) (ପଲଟିକାଲ ସାଇନ୍ସ ଆଣ୍ଡ ପଲିସି), 'ବି.ଏ. (ଅନର୍ସ) (ଲିଗାଲ ଷ୍ଟଡିଜ୍), 'ଏମ୍.ଏ. (ଇକୋନମିକ୍ସ) ବର୍ତମାନ, ସାରା ବିଶ୍ୱରୁ ଅତି ଉଚ୍ଚ ଯୋଗ୍ୟତା ସମ୍ପନ୍ନ ଅଭିଜ୍ଞ ଫାକଲଟି ଓ ଷ୍ଟାଫ୍‌ଙ୍କୁ ନିଯୁକ୍ତି ପ୍ରଦାନ କରି ଓ ପି ଜିନ୍ଦଲ ଗ୍ଲୋବାଲ ୟୁନିଭର୍ସିଟି ଗର୍ବିତ-ଏହାର ୫୧ ପ୍ରତିଶତ ଫାକଲଟି ସଦସ୍ୟ ହେଉଛଂ ସାରା ବିଶ୍ୱର ଶ୍ରେଷ୍ଠ ୨୦୦ ଆଂର୍ଜାତିକ ବିଶ୍ୱବିଦ୍ୟାଳୟରୁ ଆସିଛଂ। ବଳକା ୪୯ ପ୍ରତିଶତ ଫାକଲଟି ପ୍ରସିଦ୍ଧ କେନ୍ଦ୍ରୀୟ/ରାଜ୍ୟ ବିଶ୍ୱବିଦ୍ୟାଳୟ/ ଆଇଆଇଟି/ଆଇଆଇଏମଗୁଡ଼ିକରୁ ଆସିଛଂ। ପୁନଶ୍ଚ, ଜେଜିୟୁର ଫାଲକଟି ସଦସ୍ୟ ୩୦ଟି ବିଭିନ୍ନ ରାଷ୍ଟ୍ରରୁ ଆସିଛଂ। ପ୍ରଫେସର (ଡକ୍ଟର) ସି ରାଜ କୁମାର କହିଛଂ ଯେ ଜେଜିୟୁ ଭଳି ଭାରତୀୟ ବିଶ୍ୱବିଦ୍ୟାଳୟ ଏହା ଜରିଆରେ ଉତ୍କର୍ଷ ଓ ବିଶ୍ୱ ସ୍ତରୀୟ ମାନ୍ୟତା ହାସଲ କରିପାରିବ। ନିକଟରେ ଏମଏଚଆରଡିର ନୀତି ଦଲିଲ ଯାହା ଅଂଶୀଦାରଙ୍କ ମତାମତ ପାଇଁ ଉପଲବ୍ଧ ହୋଇଛି ସେଥିରେ ଉଲ୍ଲେଖ ରହିଛି ଯେ 'ଭାରତରେ ବିଶ୍ୱ ସ୍ତରୀୟ ବିଶ୍ୱବିଦ୍ୟାଳୟ ସୃଷ୍ଟି କରିବା ଲାଗି 'ବିଶ୍ୱ ସ୍ତରରେ ଉଚ୍ଚ ର୍‍ୟାଙ୍କ ହାସଲ କରିଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରୁ ଏକ ଉତମ ପରିମାଣର ଯୋଗ୍ୟତା ସମ୍ପନ୍ନ ଫାକଲଟି ଆବଶ୍ୟକ।'' 'ବି.ଏ. (ଅନର୍ସ) ଇନ୍ ପଲଟିକାଲ ସାଇନ୍ସ ହେଉଛି ଏକ ତିନି ବର୍ଷିଆ ଅଣ୍ଡର ଗ୍ରାଜୁଏଟ କାର୍ଯ୍ୟକ୍ରମ ଯାହା ଆମେ ବାସ କରୁଥିବା ଦୁନିଆରେ ଘଟୁଥିବା ରାଜନୈତିକ ଉତଥାନ ସମ୍ପର୍କିତ ଏକ ଉତ୍ସର୍ଗୀକୃତ ଶିକ୍ଷା। ଏହି ଡିଗ୍ରି ଜରିଆରେ ଛାତ୍ରଛାତ୍ରୀମାନଙ୍କୁ ସବୁ ସ୍ତର ଓ ପ୍ରକାରର ରାଜନୀତି ଯଥା ସ୍ଥାନୀୟ, ରାଜ୍ୟ, ଜାତୀୟ ଏବଂ ଆଂର୍ଜାତିକ ସ୍ତରର ଉପରେ ପ୍ରଶିକ୍ଷଣ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ବି.ଏ. (ଅନର୍ସ) ଇନ ପଲଟିକାଲ ସାଇନ୍ସ ଆଣ୍ଡ ପଲିସି ହେଉଛି ଭାରତରେ ଏକ ସ୍ୱତନ୍ତ୍ର ଓ ଆଂଃ ଶୃଙ୍ଖଳା କାର୍ଯ୍ୟକ୍ରମ ଯାହା ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ବିଜ୍ଞାନର ମତ ଏବଂ ସେମାନଙ୍କ ପ୍ରୟୋଗ ଉପରେ ଉତମ ଜ୍ଞାନ ପ୍ରଦାନ କରିବ। ବି.ଏ. (ଅନର୍ସ) (ଲିଗାଲ ଷ୍ଟଡିଜ) ଜରିଆରେ ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନଗତ ଭାବନାକୁ ସମୃଦ୍ଧ କରିବ ଏବଂ ଭବିଷ୍ୟତରେ ଆଇଡ଼ ଏବଂ ସାମାଜିକ ବିଜ୍ଞାନ ପଢ଼ିବାର ସୁଦୃଢ଼ ମୂଳଦୁଆ ଗଠନ କରିବ କିମ୍ବା ଆଇନ ଓ ଆନୁଷଂଗିକ କ୍ଷେତ୍ରରେ ସେମାନେ ପ୍ରବେଶ କରିପାରିବେ। ଏହା ହେଉଛି ଲିଗାଲ ଷ୍ଟଡିଜ୍ ଉପରେ ପ୍ରଥମ ଧରଣର ବିବିଧଶୃଙ୍ଖଳା ଅଣ୍ଡରଗ୍ରାଜୁଏଟ ଡିଗ୍ରି ଯାହା ୨୦୨୦-୨୧ ଶିକ୍ଷା ବର୍ଷରୁ ଆରମ୍ଭ ହେବ। ଏମ୍.ଏ. (ଇକୋନୋମିକ୍ସ) ପାଠ୍ୟକ୍ରମ ଏବେ ଭାରତ ଓ ବିଦେଶର ଅଧିକାଂଶ ସ୍ଥାନରେ ପଢ଼ାଯାଉଥିବା ପୋଷ୍ଟ ଗ୍ରାଜୁଏଟ ଅର୍ଥନୀତି ପାଠ୍ୟକ୍ରମରେ ରହିଥିବା ଅଭାବକୁ ଦୂର କରିବ। ଏହି ପାଠ୍ୟକ୍ରମ ଏଭଳି ଜ୍ଞାନ ଓ ଦକ୍ଷତା ପ୍ରଦାନ କରିବ ଯାହାର ଚାହିଦା ଆଗାମୀ ଭବିଷ୍ୟତରେ ଶିକ୍ଷାରେ ଉତ୍କର୍ଷ ଉପରେ ଗୁରୁତ୍ୱ ଦିଆଯିବ, ନିଗମର ନୀତି ନିର୍ଧାରଣ ଟିମ, କନସଲଟାନ୍ସି କଂପାନି, ନନ-ପ୍ରଫିଟ ଅର୍ଗାନାଇଜେସନ ଏବଂ ଜାତୀୟ, ରାଜ୍ୟ ଏବଂ ସ୍ଥାନୀୟ ସ୍ତରରେ ସରକାର ଆଦିରେ ବହୁତ ଚାହିଦା ରହିବ। ସାମାଜିକ ପ୍ରଶାସନରେ ନୀତି ନିର୍ଧାରଣ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କିଂ ନୀତିକୁ ଅର୍ଥନୈତିକ ଅଭିବୃଦ୍ଧିରେ ପରିଣତ କରିବା ଲାଗି ତୃଣମୂଳ ସ୍ତରରେ ତାହାକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ରହିଛି। ସୁଦର୍ଶନ ରାମସ୍ୱାମୀ, ଡିନ୍, ଜିନ୍ଦଲ ସ୍କୁଲ ଅଫ ଗଭର୍ଣ୍ଣମେଂଟ୍ ଆଣ୍ଡ ପଲିସି କହିଛଂ ଯେ, 'ଡକ୍ଟର କସ୍ତୁରୀରଙ୍ଗନ ଏବଂ ଫିଲ୍ଡ ମେଡାଲ୍ ବିଜେତା ଗଣିତଜ୍ଞ ମଂଜୁଲ ଭାର୍ଗବଙ୍କ ଭଳି ବିଶିଷ୍ଟ ବ୍ରକ୍ତିଙ୍କ ଦ୍ୱାରା ନୂଆ ଶିକ୍ଷା ନୀତି ୨୦୧୯ର ଚିଠା ପ୍ରସ୍ତୁତ କରାଯାଇଛି। ଏକ ନୀତି ସେତେବେଳେ ଭଲ ବୋଲି ବିଚାର କରାଯିବ ଯେତେବେଳେ ଏହାର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସାଧିତ ହୋଇପାରିବ-ଉଚ୍ଚ ଶିକ୍ଷା ଅନୁଷ୍ଠାନଗୁଡ଼ିକୁ ବୃହତ, ବିବିଧ-ଶୃଙ୍ଖଳାର ବିଶ୍ୱବିଦ୍ୟାଳୟରେ ପରିଣତ କରିବା, ସ୍ୱୀକୃତିପ୍ରାପ୍ତ କଲେଜ, ଶିକ୍ଷକ ମଣ୍ଡଳୀ ପାଇଁ ଟେନ୍ୟୁର-ଟ୍ରାକ୍ ବ୍ୟବସ୍ଥାକୁ ଉଚ୍ଛେଦ କରିବା ଦ୍ୱାରା ସ୍ୱୟଂଶାସିତ ଓ ସରକାରୀ ନିୟନ୍ତ୍ରଣମୁକ୍ତ ହେବା ବାସ୍ତବରେ ହାସଲ ହୋଇପାରିବ। ଏକ ନୀତି କେବଳ କାହିଁକି ଏବଂ କଣ ପାଇଁ ହେବ ତାହା ନୁହେଁ କିଭଳି ହେବ ତାହା ରହିବା ଦରକାର। ପ୍ରକ୍ରିୟା ଏବଂ ପଦ୍ଧତି ଉପରେ ବହୁତ କିଛି ନିର୍ଭର କରୁଛି ଯାହାକୁ ସର୍ବଦା ପ୍ରଶାସନିକ ଲକ୍ଷ୍ୟଚ୍ୟୁତ ବିପଦ ସହିତ ଲଢ଼େଇ କରିବାକୁ ପଡ଼ିଥାଏ।'ଭାରତର ଅର୍ଥନୀତିକୁ ୫ ଟ୍ରିଲିଅନ ଆମେରିକୀୟ ଡଲାରକୁ ସଂପ୍ରସାରିତ କରିବାର ଅର୍ଥ ହେଉଛି ଫ୍ରାନ୍ସ, ବ୍ରିଟେନ, ଜର୍ମାନି ଓ ଜାପାନକୁ ଟପିଯିବା। 'ଶ୍ରେଷ୍ଠ ଏବଂ ଉଜ୍ଜ୍ୱଳ ମସ୍ତିଷ୍କକୁ ଆକର୍ଷିତ କରିବା ଲାଗି ଏହି ରାଷ୍ଟ୍ରଗୁଡ଼ିକରେ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ରହିଛି। ଭାରତର ଉଚ୍ଚ ଶିକ୍ଷା ମିସନର କେନ୍ଦ୍ରରେ ବିଶ୍ୱ ସ୍ତରୀୟ ମାନଦଣ୍ଡ ଓ ଉଚ୍ଚ ଗୁଣଯୁକ୍ତ ଶିକ୍ଷକ ମଣ୍ଡଳୀ ରହିବା ଦରକାର ଯେଉଁମାନେ ଆମର ଛାତ୍ରଛାତ୍ରୀଙ୍କୁ ସୂଚନାଭିତିକ ପେସାସାର ଓ ନାଗରିକ ହେବା ଲାଗି ବୌଦ୍ଧିକ ଅଭିବୃଦ୍ଧି ଓ ପଥ ପ୍ରଦର୍ଶନ କରିବେ। ଆମର ୯୦୦ ବିଶ୍ୱବିଦ୍ୟାଳୟ ଓ ୩୯,୦୦୦ କଲେଜ ଘରୋଇ ଭାବେ ପରିଚାଳିତ ହେଉଥିବା ବେଳେ ଭାରତରେ ସାମାଜିକ-ଅର୍ଥନୈତିକ ପରିବର୍ତନର ମୁଖ୍ୟ ଦୂତ ହେଉଛି ଉଚ୍ଚ ଶିକ୍ଷାରେ ଘରୋଇ ନିବେଶ।'' ବୋଲି ସେ କହିଛଂ।

## ସାଓମିର ଅନଲାଇନ୍ ଋଣ ସମାଧାନ ଏମଆଇ କ୍ରେଡିଟ

ଭୁବନେଶ୍ୱର: ଭାରତର ନମ୍ବର ୱାନ୍ ସ୍ମାର୍ଟଫୋନ୍ ଓ ସ୍ମାର୍ଟ ଟିଭି ବ୍ରାଣ୍ଡ ସାଓମି ପକ୍ଷରୁ ଏହାର ଡିଜିଟାଲ ଋଣ ସମାଧାନ ଏମଆଇ କ୍ରେଡିଟ୍‌ର ଘୋଷଣା କରାଯାଇଛି। ଏମଆଇ କ୍ରେଡିଟ୍ ହେଉଛି ଭାରତରେ ଏମଆଇ ପେ' ପରେ ଆସିଥିବା ସାଓମିର ଦ୍ୱିତୀୟ ଏମଆଇ ଫାଇନାନ୍ସ ସମାଧାନ। ଏମଆଇ କ୍ରେଡିଟ୍ ହେଉଛି ଏମଆଇ ପ୍ରଶଂସକମାନଙ୍କୁ ବ୍ୟକ୍ତିଗତ ଋଣ ପ୍ରଦାନ କରିବା ପାଇଁ ଏକ ସର୍ବଶ୍ରେଷ୍ଠ ଅନ୍‌ଲାଇନ୍ ମାର୍କେଟ୍‌ପ୍ଲେସ୍। ଚଳିତବର୍ଷ ନଭେମ୍ବର ୧୯ ତାରିଖରେ ସାଓମି ପାଇଲଟ ପ୍ରକଳ୍ପରେ ପ୍ରାୟ ୨୮ କୋଟି ଟଙ୍କାର(ଦିନ ପିଛା ୧କୋଟି) ବ୍ୟକ୍ତଗତ ଋଣ ବଣ୍ଟନ କରିଛି। ଏହାର ବର୍ତ୍ତମାନର ଋଣ ପ୍ରଦାନକାରୀ ସହଭାଗୀମାନେ ହେଉଛନ୍ତି ଏନ୍‌ବିଏଫ୍‌ସି କିମ୍ବା ଫିନ୍‌ଟେକ୍ ଯେପରିକି ଆଦିତ୍ୟ ବିର୍‌ଲା ଫାଇନାନ୍ସ ଲିମିଟେଡ୍, ମନି ଭ୍ୟୁ, ଇର୍ଲିସାଲାରୀ, ଜେଷ୍ଟମନି ଓ କ୍ରେଡିଟ୍‌ବିଦ୍ୟା। ଏହାକୁ ଇଚ୍ଛୁକ ଯୁବ ପେସାଦାର ଓ ଯୁବପୀଢ଼ୀମାନଙ୍କ ପାଇଁ ପ୍ରଥମ ବ୍ୟକ୍ତିଗତ ଲୋନ୍ ପସନ୍ଦ ଭାବେ ପ୍ରସ୍ତୁତ କରାଯାଇଛି। ଏମଆଇ କ୍ରେଡିଟ୍ ୧୦୦% ଡିଜିଟାଲ ଅଭିଜ୍ଞତା ସହ ପାରମ୍ପରିକ ଋଣ ଉଦ୍ୟୋଗ ସହ ଜଡ଼ିତ ଅଧିକାଂଶ ସମସ୍ୟାକୁ ସମାଧାନ କରିଥାଏ।

## ଆମାଜନ ଓରିଜିନାଲ ସିରିଜ ଇନସାଇଡ ଏଜ ସିଜିନ୨ ସହଯୋଗ ରେ ଭିଭୋ ଲଂଚ କରିବ ଭି-୧୭ ସ୍ମାର୍ଟଫୋନ

ଭୁବନେଶ୍ୱର : ବିଶ୍ୱର ଅଭିନବ ସ୍ମାର୍ଟଫୋନ ବ୍ରାଣ୍ଡ ଭିଭୋ ପକ୍ଷରୁ ଏହାର ନୂତନ ସ୍ମାର୍ଟଫୋନ ଭି-୧୭ ଲଂଚ ପାଇଁ ଆମାଜନ ଓରିଜିନାଲ ଇନସାଇଡ ଏଜ ସହ ସହବନ୍ଧନ ଘୋଷଣା କରାଯାଇଛି । ଏହି ସହବନ୍ଧନ ଅନୁସାରେ ଇନସାଇଡ ଏଜ ସିଜିନ-୨ ର କଳାକାର ମାନେ ପରସ୍ପର ସହ ଲଢୁଥିବା ଏକ ଭିଡିଓରେ ଦେଖାଦେବେ । ଏଥିରେ ଦୁଇ ପୁରାତନ ପ୍ରତିଦ୍ୱନ୍ଦି ମୁମ୍ବାଇ ମାଭରିକ ଓ ହରିଆଣା ହୁରିକେନ ନୂଆ ଅବତାର ରେ ପ୍ରଦର୍ଶିତ ହେବେ । ଏହାଛଡା ଦର୍ଶକ ମାନେ ଇନସାଇଡ ଏଜ ସିଜିନ-୨ ର କଳାକାର ମାନଙ୍କୁ ନେଇ ମଜାଦାର ଭିଡିଓ ଦେଖିପାରିବେ । ଏହି ସହବନ୍ଧନ ଉପରେ ମଂବ୍ୟ ଦେଇ ଭିଭୋ ଇଣ୍ଡିଆର ବ୍ରାଣ୍ଡ ଷ୍ଟାର୍ଟେଜି ନିର୍ଦ୍ଦେଶକ ନିପୁନ ମାରୟା କହିଛଂ, 'ଆମାଜନ ପ୍ରାଇମ ଭିଡିଓ ସହିତ ଆମର ସହଭାଗୀତା ନେଇ ଆମେ ଖୁବ ଉତ୍ସାହିତ । ଆମାଜନ ଓରିଜିନାଲ ସିରିଜ ଇନସାଇଡ ଏଜ ର ଦ୍ୱିତୀୟ ସଂସ୍କରଣ ସାରା ଦେଶରେ ଦର୍ଶକ ମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ଆଶା । ଏଥିରେ ଭିଭୋ ଭି-୧୭ ଲଂଚ ଏକ ଆଦର୍ଶ ଉଦାହରଣ ହୋଇପାରିବ ।'ଆମାଜନ ପ୍ରାଇମ ଭିଡିଓ ଇଣ୍ଡିଆର ନିର୍ଦ୍ଦେଶକ ଗୌରବ ଗାନ୍ଧୀ କହିଛଂ, 'ଭାରତ ଏକ ମୋବାଇଲ ପ୍ରଥମ ଦେଶ । ଆମର ଗ୍ରାହକ ମାନେ ନିଜର ସ୍ମାର୍ଟଫୋନ ରେ ଆମାଜନ ପ୍ରାଇମ ଭିଡିଓ ରେ ମନୋରନ ଉପଭୋଗ କରିଥାଂ । ଆମର ମନୋରନ ଭିତିକ କାର୍ଯ୍ୟକ୍ରମକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆମେ ଅଭିନବ ଉପାୟରେ ଏହାକୁ ଦର୍ଶକ ମାନଙ୍କ ପାଖରେ ପାହଂଚାଇବାକୁ ଚେଷ୍ଟା କରିଥାଉ । ଭାରତର ବିଶ୍ୱସନୀୟ ବ୍ରାଣ୍ଡ ସହଭାଗୀତା ରେ ଆମାଜନ ଓରିଜିନାଲ ସିରିଜ ଇନସାଇଡ ଏଜ ଏହାର ଏକ ଉତ୍କୃଷ୍ଟ ନିଦର୍ଶନ ।'ଭିଭୋ ଅଭିନବ ସ୍ମାର୍ଟଫୋନ ପାଇଁ ଖୁବ ଜଣାଶୁଣା । ଏହାର ଆସଂ । ମଡେଲ ଭି-୧୭ ରେ ଆଇ ଭିୟୁ ଡିସପ୍ଲେ ଓ ସୁପର ନାଇଟ କ୍ୟାମେରା ସହ ଉପଲବ୍ଧ ହେବା

## ଆଣ୍ଠୁର ବାହ୍ୟ ଲିଗାମେଣ୍ଟ ଚିକିତ୍ସା କ୍ଷେତ୍ରରେ ଭାରତୀୟ ଡାକ୍ତରଙ୍କର ବୃହତ ସଫଳତା

ଭୁବନେଶ୍ୱର : ସାକ୍ରା ୱାର୍ଲ୍ଡ ହସ୍ପିଟାଲର ଅର୍ଥୋପେଡିକ୍ ବିଭାଗର ଏଚ୍‌ଓଡି ତଥା ବରିଷ୍ଠ ପରାମର୍ଶଦାତା ଡଃ ଚନ୍ଦ୍ରଶେଖର ପି. ନିଜ ଡାକ୍ତରୀ ଟିମ୍ ସହ ମିଶି ଏକ ପୋର୍ଟାଲ ବା ପ୍ୟାସେଜ୍‌ର ନିର୍ମାଣ କରିବା ପାଇଁ ନୂତନ ପ୍ରଯୁକ୍ତିର ଉଦ୍ଭାବନ କରି ଆଣ୍ଠୁ ସର୍ଜରୀ କ୍ଷେତ୍ରରେ ନୂତନ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହି ସର୍ଜରୀରେ ଆଣ୍ଠୁର ଉପର ଭାଗରେ ଥିବା ବାହ୍ୟ ଲିଗାମେଣ୍ଟ (ଦମନୀ ବା ଅସ୍ଥି ସମୂହକୁ ବାନ୍ଧି ରଖୁଥିବା ତନ୍ତୁ)ରେ କିହୋଲ୍ ସର୍ଜରୀ ଟେକ୍‌ନିକ୍‌ର ବ୍ୟବହାର କରି ଏକ ପ୍ୟାସେଜ୍ ତିଆରି କରାଯାଇ ଚିକିତ୍ସା କରାଯାଇଥାଏ । ଚିକିତ୍ସା କ୍ଷେତ୍ରରେ ଏହାକୁ ଡାଇରେକ୍ଟ ଲାଟେରାଲ ପୋର୍ଟାଲ କୁହାଯାଉଥିବାବେଳେ ଏହା 'ବେଙ୍ଗାଲୁରୁ ଚନ୍ଦ୍ରଶେଖର ପୋର୍ଟାଲ' ଭାବେ ମଧ ପରିଚିତ। ଏହା ଆର୍ଥ୍ରୋସ୍କୋପିକ୍ ସର୍ଜରୀର ଏକ ସମ୍ପ୍ରସାରଣ ଯାହାକୁ ବିଶ୍ୱରେ ପ୍ରଥମ ଥର ପାଇଁ ଆଣ୍ଠୁର ବାହ୍ୟ ତଥା ଲାଟେରାଲ କୋଲାଟେରାଲ ଲିଗାମେଣ୍ଟ (ଏଲ୍‌ସିଏଲ୍)ରେ ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟଗତ ସମସ୍ୟାକୁ ଚିହ୍ନଟ କରିବା ନିମନ୍ତେ ବିକଶିତ କରାଯାଇଛି । ଏଲ୍‌ସିଏଲ୍ ହେଉଛି ଦୁଇଟି ପାଖାପାଖି ସଂଯୋଗ ହୋଇଥିବା ତନ୍ତୁ , ଯାହା ଆଣ୍ଠୁର ଅସ୍ଥି ଗୁଡ଼ିକୁ ଯୋଡ଼ି ରଖିବା ସହ ଏହାକୁ ସ୍ଥିର ରଖିଥାଏ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray